


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୭ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 FEBRUARY 2023
Vol.No. 34 ■ No. 46 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା


ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୀମାବର୍ତ୍ତୀ ଗାଁ ହେବ ମଜବୁତ, ୧୯ ଜିଲ୍ଲାର ୨୯୬୬ ଗାଁ ହେବ ବିକଶିତ



ନୂଆଦିଲ୍ଲୀ,୧୬/୦୨ : କେନ୍ଦ୍ର କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ଫଇସଲା । ଦେଶର ସୀମାକୁ ମଜବୁତ କରିବା ପାଇଁ ଭାଇବ୍ରେଂଟ ଭିଲେଜ ପୋଗ୍ରାମକୁ ମଂଜୁରୀ ମିଳିଛି । ଏହି ଯୋଜନା ଦ୍ୱାରା ସୀମାରେ ଥିବା ଗାଁଗୁଡିକର ଭିତିଭୂମିକୁ ଅଧିକ ମଜବୁତ କରାଯିବ । ଏହା ପାଇଁ ୪୮୦୦କୋଟି ଟଙ୍କାର ବଜେଟ ରହିଛି । ଏହା ଦ୍ୱାରା ରୋଜଗାର ବୃଦ୍ଧି ସହ ଗାଁ ଗୁଡିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ରହିଛି । ରୋଜଗାର ଅଭାବରୁ ସୀମାବର୍ତ୍ତୀ ଗାଁଲୋକ ପଳାୟନ କରୁଥିଲେ । ତେଣୁ ପଳାୟନ ରୋକିବା, ଭିତିଭୂମି ମଜବୁତ କରିବା ଓ ରୋଜଗାର ବୃଦ୍ଧି ପାଇଁ ଏହି ନିଷ୍ପତି ନେଇଛନ୍ତି କେନ୍ଦ୍ର ସରକାର । କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଲଦାଖ, ହିମାଚଳ, ଉତରାଖଣ୍ଡ, ସିକିମ ଓ ଅରୁଣାଚଳପ୍ରଦେଶର ମୋଟ ୧୯ଟି ଜିଲ୍ଲାର ୨୯୬୬ ଗାଁର ସଡକ ଓ ଅନ୍ୟାନ୍ୟ ଭିତିଭୂମି ମଜବୁତ କରାଯିବ । ଏଥିସହ ମୋଦି କ୍ୟାବିନେଟ ସିଙ୍କୁଳନା ଟର୍ଣ୍ଣେଲ ନିର୍ମାଣ ପାଇଁ ମଂଜୁରୀ ଦେଇଛନ୍ତି । ଲଦାଖ ପାଇଁ ଅଲୱେର ରୋଡ କନେକ୍ଟିଭ ସୁବିଧା ମିଳିବ । ଏହା ଲମ୍ବା ୪.୮ କିଲୋମିଟର ହେବ । ୧୬ଶହ କୋଟି ଖର୍ଚ୍ଚ ହେବ । ସେନାର ମୁଭମେଂଟ ବୃଦ୍ଧି ପାଇବ । ତେବେ ଚୀନ-ଭାରତ ସୀମା ବିବାଦ ଭିତରେ କେନ୍ଦ୍ରର ଏହା ବଡ ନିଷ୍ପତି । ଆଇଟିବିପି ଜବାନଙ୍କ ପାଇଁ ୭ଶହ ନୂଆ ବାଟିଲିୟନ, ୯ହଜାର ୪ଶହର ଏକ ଅପରେସନାଲ ବେସ ସ୍ଥାପନ ହେବ ।

## ପାକିସ୍ତାନରେ ବିଗୁଡୁଛି ସ୍ଥିତି : ଦେଶ ଛାଡୁଛନ୍ତି ଧନୀ ବ୍ୟକ୍ତି, ସେହେବାଜ ସରକାରଙ୍କୁ ମିଳୁନି ଋଣ



ନୂଆଦିଲ୍ଲୀ,୧୬/୦୨ : ଦିନ ଯେତିକି ଗଡୁଛି ସେତିକି ବିଗୁଡୁଛି ପାକିସ୍ତାନର ସ୍ଥିତି । ଆର୍ଥିକ ସଙ୍କଟ ଯୋଗୁଁ ପାକିସ୍ତାନର ଦୂରାବସ୍ଥା । ସେପଟେ ଆଇଏମଏଫ ଇଙ୍ଗିତରେ ପରିଚାଳିତ ହେଉଥିବ ପାକିସ୍ତାନ ସରକାର ଏବେ ଜନତାଙ୍କଠୁ ଟିକସ ଆଦାୟ କରିବା ନେଇ ବଡ ଘୋଷଣା କରିଛନ୍ତି । ୬ମାସ ମଧ୍ୟ ୩୭୦ଅରବ ଡଲାର ଟିକସ ଆଦାୟ ଘୋଷଣା କରିବା ପରେ ପାକିସ୍ତାନରୁ ଧନୀ ବ୍ୟକ୍ତି ଦେଶ ଛାଡୁଥିବା ଜଣାପଡିଛି । ଦେଶ ଛାଡି ପାକିସ୍ତାନବାସୀ ସାଉଦିଆରବ, ୟୁଏଇଇ. ଓ ଅନ୍ୟାନ୍ୟ ଦେଶକୁ ଯାଉଛନ୍ତି । ପାକିସ୍ତାନରେ ମହଙ୍ଗା ମାଡ଼- ପାକିସ୍ତାନରେ ତୈଳ ଦର ୨୨ ପ୍ରତିଶତ ବୃଦ୍ଧି ପାଇଛି, ବିଦ୍ୟୁତ ଦର ୟୁନିଟ ପିଛା ୧୨ଟଙ୍କା ବୃଦ୍ଧି ପାଇଛି, ବ୍ୟବସାୟୀଙ୍କୁ ମିଳୁଥିବା ସବ୍ସିଡି ଶେଷ କରାଯାଇଛି, ବିଦେଶୀ ମୁଦ୍ରା ଭଣ୍ଡାର ଖାଲି ହେବାରେ ଲାଗିଛି, ମହଙ୍ଗା ଦର ୨୭ ପ୍ରତିଶତ ଟପିସାରିଛି, ଡଲାର ତୁଳନାରେ ପାକିସ୍ତାନୀ ମୁଦ୍ରା ୨୫ ପ୍ରତିଶତ ହ୍ରାସ ପାଇଛି । ଦୟନୀୟ ଅବସ୍ଥା ଦେଇ ପାକିସ୍ତାନ ଗତି କରୁଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଏକ ଭିଡିଓ ଭାଇରାଲ ହେଉଛି । ଭିଡିଓରେ ଇମ୍ରାନ କହୁଛନ୍ତି ଗୋଟେ କେଜି ଦେଶୀ ଘିଅ ଦାମ ୩୮୦ ଅରବ ଡଲାର ବଦଳରେ ଏବେ ୬ଶହ ଅରବ ଡଲାର ହୋଇଛି । ଇମ୍ରାନଙ୍କ ଏହି ଭିଡିଓ ବେଶ ଭାଇରାଲ ହେଉଛି । ଆସନ୍ତୁ ନଜର ପକାଇବା ମହଙ୍ଗା ମାଡ଼ରେ କିଭଳି ବେହାଲ ହୋଇଛି ପାକିସ୍ତାନ । ପାକିସ୍ତାନରେ ଦର ଆକାଶ ଛୁଆଁ- ପେଟ୍ରୋଲ ଲିଟର ପିଛା ୨୮୦ ଟଙ୍କା, ଡିଜେଲ ଲିଟର ପିଛା ୨୦୨ ଟଙ୍କା, ୨୦ଦିନ ଭିତରେ ୫୭ଟଙ୍କା ବୃଦ୍ଧି, ଗ୍ୟାସ ଦର ୧୧୨ ପ୍ରତିଶତ ବୃଦ୍ଧି, ଅଟା କେଜି ୧୫୦ଟଙ୍କା, ଚାଉଳ କେଜି ୩୦୦ ଟଙ୍କା, କ୍ଷୀର ଲିଟର ୨୫୦ ଟଙ୍କା, ଆଳୁ କେଜି ୯୦ ଟଙ୍କା, ଟମାଟୋର କେଜି ୧୮୦ ଟଙ୍କା, ଚିକେନ କେଜି ୧୦୦୦ ଟଙ୍କା ହୋଇଛି ।

## ଲାଂଚ ନେବା ବେଳେ ଧରାପଡିଲେ ଆରଆଇ

ଭୁବନେଶ୍ୱର,୧୬/୦୨ (ନି.ପ୍ର): ୫ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ଗୋଛରା ଆରଆଇଙ୍କୁ ଭିଜିଲାନ୍ସ ଗିରଫ କରିଛି । ଅଭିଯୁକ୍ତ ଆରଆଇ ଜଣକ ହେଲେ ସତ୍ୟ ନାରାୟଣ କଉଡି । ଜଣେ ଅଭିଯୋଗକାରୀଙ୍କଠାରୁ ଏକ ନାମଜାରି ମାମଲାରେ ପଟ୍ଟା ପ୍ରଦାନ ନିମନ୍ତେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ୫,୦୦୦ ଟଙ୍କା ଲାଂଚ ନେଇ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହେଇଛନ୍ତି । ସୂଚନା ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ମ୍ୟୁଟେସନ୍ କେସ୍ ପାଇଁ ପଟ୍ଟା ଲାଗି ଇନକ୍ୱାରୀ ରିପୋର୍ଟ ଚାହୁଁଥିଲେ । ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁଚିଣ୍ଡା ବ୍ଲକ୍ ର ଗୋଛରାର ଆରଆଇ ସତ୍ୟ ନାରାୟଣ କଉଡି ଏଥିପାଇଁ ୫ ହଜାର ଟଙ୍କା ମାଗିଥିଲେ । ଭିଜିଲାନ୍ସ ଚଢାଉ ବେଳେ ଏହି ଟଙ୍କା ଉଦ୍ଧାର କରାଯାଇଥିବା ବେଳେ ଆରଆଇଙ୍କୁ ଅଟକ ରଖାଯାଇଛି ।

## କ୍ରାଇମବ୍ରାଂଚ କଣ କହୁଛି ତାକୁ ଅପେକ୍ଷା କରାଯାଇଛି : ଦିପାଳୀ ଦାସ

ଭୁବନେଶ୍ୱର,୧୬/୦୨ (ନି.ପ୍ର): ମନ୍ତ୍ରୀ ନବ କିଶୋର ଦାସ ଦାସଙ୍କ ହତ୍ୟାକାଣ୍ଡକୁ ୧୮ ଦିନ ବିତିଥିବା ବେଳେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ତାଙ୍କ ଝିଅ ଦିପାଳୀ ଦାସ । ସେକହିଛନ୍ତି, କ୍ରାଇମବ୍ରାଂଚ ତଦନ୍ତ ଶେଷ ହେବା ପରେ ସେ କିମ୍ବା ତାଙ୍କ ପରିବାର ପ୍ରତିକ୍ରିୟା ରଖିବେ । ହତ୍ୟାର କାରଣ ବାବଦରେ କ୍ରାଇମବ୍ରାଂଚ କଣ କହୁଛି ତାକୁ ଅପେକ୍ଷା କରାଯାଇଛି । ସେହିପରି ବିରୋଧୀଙ୍କ ସିବିଆଇ ତଦନ୍ତ ଦାବି ଉପରେ ପ୍ରତିକ୍ରିୟା ରଖିଛନ୍ତି ଦିପାଳୀ । ନବ ଦାସଙ୍କୁ ସମସ୍ତେ ଭଲ ପାଉଥିଲେ । ତେଣୁ ହତ୍ୟାର କାରଣ ଜାଣିବା ପାଇଁ ସମସ୍ତେ ଚାହୁଁଛନ୍ତି ଓ ସେହି ଅନୁସାରେ ନିଜ ନିଜର ମତ ରଖୁଛନ୍ତି । ଗଣତନ୍ତ୍ରରେ ସମସ୍ତଙ୍କୁ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ରହିଛି ।

## ବିଜେଡିର ଚାଉଳ, ବିଜେପିର ଆଇନଶୃଙ୍ଖଳାକୁ ନେଇ ରାଜନୀତି



ଭୁବନେଶ୍ୱର,୧୬/୦୨ (ନି.ପ୍ର): ଜୟନାରାୟଣ ମିଶ୍ରଙ୍କୁ ନେଇ ରାଜନୀତି ସରଗରମ ରହିଥିବାବେଳେ ଆଜି ରାଜ୍ୟରେ ଦେଖିବାକୁ ମିଳିଛି ଦୁଇଟି ଚିତ୍ର । ଗୋଟିଏ ଶାସକ ବିଜେଡିର ପ୍ରତିବାଦ ହୋଇଥିବାବେଳେ, ଅନ୍ୟଟି ବିରୋଧୀ ବିଜେପିର ବିକ୍ଷୋଭ । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଭାରତୀୟ ଜନତା ପାର୍ଟି ବିକ୍ଷୋଭ କରୁଥିବା ବେଳେ ଅନ୍ୟପଟେ ଚାଉଳ ପ୍ରସଙ୍ଗରେ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ ଗର୍ଜୁଛି ବିଜେଡି । କେନ୍ଦ୍ର ବିରୋଧରେ ସ୍ୱରକୁ ଆହୁରି ତୀବ୍ର କରିଛି ବିଜୁ ଜନତା ଦଳ । ଧାନ କିଣା ନୀତିରେ ପାତରଅନ୍ତର ଏବଂ କେନ୍ଦ୍ର ଦେଉଥିବା ୫ କେଜି ମାଗଣା ଚାଉଳ ବନ୍ଦ କରିବା ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଛି ବିଜେଡି । ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଏହି ପ୍ରତିବାଦ ତୃଣମୂଳ ସ୍ତରରେ ପହଞ୍ଚିଛି ।

▶▶ପୃଷ୍ଠା ୭

## ବାଇକକୁ ପିଟିଲା ଟ୍ରକ୍ : ପ୍ରାଣ ହରାଇଲେ ବାପ ଓ ପୁଅ

ଭୁବନେଶ୍ୱର,୧୬/୦୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଲଖନା ଥାନା କୁସଦହନା ସ୍ଥିତ ବିଜୁ ଏକ୍ସପ୍ରେସ ୱେଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଏକ ଏଠାରେ ବାଇକକୁ ଟ୍ରକ ପିଟିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଏହି ଦୁର୍ଘଟଣାରେ ବାପ ଓ ପୁଅଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଘଟଣା ସ୍ଥଳରେ ଲଖନା ପୁଲିସ୍ ପହଂଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିବା ସହ ଶବ ଜବତ କରି ଅଧିକ ତଦନ୍ତ କରୁଛି ।

## ଜୟନାରାୟଣଙ୍କ ବିରୋଧରେ ବିଜେଡିର ହଲ୍ଲାବୋଲ

ଭୁବନେଶ୍ୱର,୧୬/୦୨ (ନି.ପ୍ର):ବିରୋଧୀ ଦଳର ନେତା ଓ ମହିଳା ପୋଲିସ ଅଧିକାରୀଙ୍କ ମଧ୍ୟରେ ଧକ୍କା ମରାମରି ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜେଡି । ଭୁବନେଶ୍ୱରରୁ ସମ୍ବଲପୁର ଯାଏଁ ହଲ୍ଲାବୋଲ କରିଛି ଦଳ । ମହିଳା ବିଜୁ ଜନତା ଦଳ ପକ୍ଷରୁ ଶତାଧିକ କର୍ମୀ ଭୁବନେଶ୍ୱର ଲୋୟର ପିଏମଜିରେ ପ୍ରତିବାଦ ସଭା କରିବା ସହ ହାତରେ ପ୍ଲାକାର୍ଡ ଧରି

▶▶ପୃଷ୍ଠା ୭

## ତ୍ରିପୁରା ବିଧାନସଭା ନିର୍ବାଚନରେ ପାଖାପାଖି ୮୦% ମତଦାନ



ଅଗରତଳା, ୧୬/୦୨ (ନି.ପ୍ର): ତ୍ରିପୁରା ବିଧାନସଭା ନିର୍ବାଚନରେ ୬୦ ସିଟ୍‌ରେ ପାଖାପାଖି ୮୦ ପ୍ରତିଶତ ମତଦାନ ହୋଇଛି । ନିର୍ଧାରିତ ସମୟ ପରେ ମଧ୍ୟ ଅନେକ ସ୍ଥାନରେ ମତଦାତା ମାନେ ଲାଇନରେ ଛିଡାହୋଇଥିବା କାରଣରୁ ରାଜ୍ୟରେ ମତଦାନ ପ୍ରତିଶତ ଆହୁରି ବଢିପାରେ ବୋଲି ଅନୁମାନ କରା ଯାଉଛି । ବିଧାନସଭା ନିର୍ବାଚନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ରହିଛି ଓ କେଉଁଠାରୁ କୌଣସି ହିଂସା କିମ୍ବା ଅପ୍ରୀତିକର ଘଟଣା ସାମନାକୁ ଆସିନାହିଁ । ନିର୍ବାଚନ କମିଶନଙ୍କ ଅନୁସାରେ ବର୍ତମାନ ସୁଦ୍ଧା ପାଖାପାଖି ୮୦ ପ୍ରତିଶତ ମତଦାନ ହୋଇଛି । ସେଠାରେ ସମୁଦାୟ ମତଦାତାଙ୍କ ସଂଖ୍ୟା ୨୮,୧୪,୫୮୪ ଥିବାବେଳେ ସଂନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଏହା ୨୨,୮୨,୩୯୨ ରେ ପହଂଚିଛି । ମତଦାନ ସଂନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଠିକ ଥିଲା କିନ୍ତୁ କିଛି ମତଦାନ କେନ୍ଦ୍ରରେ ଲାଇନ ବଢିବାରୁ ମତଦାନ ପକ୍ରିୟା ବର୍ତମାନ ମଧ ଜାରିରହିଛି ।

## ଗଞ୍ଜାମ ରାଜନୀତିରେ ପୁଣି ସିଦ୍ଧାନ୍ତଙ୍କ ଆବିର୍ଭାବ



ଭୁବନେଶ୍ୱର,୧୬/୦୨ (ନି.ପ୍ର): ଗଞ୍ଜାମ ରାଜୀନୀତିରେ ବ୍ରହ୍ମପୁରର ପୂର୍ବତନ ସାଂସଦ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ଆବିର୍ଭାବ ଚର୍ଚ୍ଚାର ବିଷୟ ପାଲଟିଛି । ସିଦ୍ଧାନ୍ତ ଗତକାଲି ଜିଲ୍ଲା ବିଜେଡି ସଭାପତି ଚ୍ୟାଉ ପଟ୍ଟନାୟକଙ୍କ ଏକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଛତ୍ରପୁର ଓ ଗୋପାଳପୁର ନିର୍ବାଚନମଣ୍ଡଳୀର କିଛି ନେତାଙ୍କ ସହ ଆଲୋଚନା କରିଛନ୍ତି । ଆଉ ଏହା ଦଳୀୟ ମହଲରେ ନୂଆ ଚର୍ଚ୍ଚା ଓ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ସାଧାରଣ ନିର୍ବାଚନ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ସାଂସଦ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ନେଇ ଗଞ୍ଜାମ ରାଜନୀତି ସରଗରମ ହୋଇଛି । ସିଦ୍ଧାନ୍ତ ବ୍ରହ୍ମପୁର, ଗୋପାଳପୁର ଓ ମୋହନା ଅଞ୍ଚଳର ଦଳୀୟ ନେତାଙ୍କୁ ଭେଟିବା ଏଭଳି ଚର୍ଚ୍ଚାକୁ ହାୱା ଦେଇଛି । ବୁଧବାର ଦିନ ବିଜେଡି ଜିଲ୍ଲା ସଭାପତି ରମେଶ ଚ୍ୟାଉ ପଟ୍ଟନାୟକଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ସିଦ୍ଧାନ୍ତ । ଏହା ପରେ ଦଳୀୟ ନେତାଙ୍କୁ ଭେଟିଥିଲେ । ଏବେ ସିଦ୍ଧାନ୍ତଙ୍କ ଅଚାନକ ଆବିର୍ଭାବ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି ଦଳରୁ ବହିଷ୍କାର କରିବା ପରେ ଗଞ୍ଜାମ ରାଜନୀତିରେ ଏହାର ବଡ ପ୍ରଭାବ ପଡିଛି । ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତା

▶▶ପୃଷ୍ଠା ୭

## ବୁଡିଯିବ ମୁମ୍ବାଇ, ବ୍ୟାଙ୍କକ୍, ଲଣ୍ଡନ, ନ୍ୟୁୟର୍କ ଭଳି ୭ ବଡ ସହର, ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘର ରିପୋର୍ଟ




ନୂଆଦିଲ୍ଲୀ,୧୬/୦୨ : ବଢୁଛି ସମୁଦ୍ର ଜଳସ୍ତର । ସମୁଦ୍ର ପାଣିରେ ଲୀନ ହେବ ଉପକୂଳବର୍ତୀ ବିଶ୍ୱର ବଡ ବଡ ସହର । ବିଶ୍ୱ ପାଣିପାଗ ବିଜ୍ଞାନ ସଂଗଠନର ବୈଜ୍ଞାନିକମାନ ଏହି ସୂଚନା ଦେଇଛନ୍ତି । ଜେନେଭାର ବିଶ୍ୱ ପାଣିପାଗ ବିଜ୍ଞାନ ସଂଗଠନ ୱାଲଡ ମେଟେ୍ରାଲୋର୍ଜିକାଲ ଅରଗାଇନେଜସ ଏକ ରିପୋର୍ଟ ଜାରି କରିଛି । ରିପୋର୍ଟରେ କୁହାଯାଇଛି ଭାରତ, ଚୀନ, ବାଙ୍ଗଲାଦେଶ ଓ ନେଦରଲ୍ୟାଣ୍ଡକୁ ମାଡି ଆସୁଛି ସମୁଦ୍ର । ସମୁଦ୍ରଜଳସ୍ତର ବୃଦ୍ଧି ଏହି ସବୁ ଦେଶ ପାଇଁ ବିପଦ ନେଇ ଆସୁଛି । ଜଳସ୍ତର ବଢିବା ଯୋଗୁଁ ସାଂଘାଇ, ବ୍ୟାଙ୍କକ, ଜାକାର୍ତା, ମୁମ୍ବାଇ, ମାପୁଟୋ, ଲାଗୋସ କାହିରା, ଲଣ୍ଡନ, କୋପେନହାଗେନ, ନ୍ୟୁୟର୍କ, ଲସ ଅଂଜେଲସ ପରି ବଡ ବଡ ସହର ରହିଛି । ତେବେ ଗ୍ଲୋବାର ୱାମିଂ ଯୋଗୁଁ ଗ୍ଲେସିୟର ତରଳିବା ଏହାର ଏକ ପ୍ରମୁଖ କାରଣ ବୋଲି ବିଶେଷଜ୍ଞ କହିଛନ୍ତି । ସେପେଟ ସମାନ ଆକଳନ କରିଛି ମିଳିତ ଜାତିସଂଘ । ଜଳବାୟୁ ପରିବର୍ତନ ଯୋଗୁଁ ଏଭଳି ଘଟଣା ୨୦୩୪ ମସିହା ସୁଦ୍ଧା ଘଟିବା ନେଇ ମିଳିତ ଜାତିସଂଘ ମହାସଚିବ ଆଟୋଂନିଓ ଗୁଟେରେସ କହିଛନ୍ତି । ଏଥିସହ ଏହି ସମସ୍ୟାର ମୁକାବିଲା ଆଜିଠୁ ଆରମ୍ଭ କରିବା ଉଚିତ ବୋଲି କହିଛନ୍ତି ୟୁଏନ ମୁଖ୍ୟ ।

## କନ୍ୟାଯାତ୍ରୀଙ୍କ ସହ ସ୍କର୍ପିଓ ଗାଡ଼ି ଧକ୍କା : ୩ ଜଣ ପ୍ରାଣ ହରାଇଲେ

ଭୁବନେଶ୍ୱର,୧୬/୦୨ (ନି.ପ୍ର): ବ୍ରହ୍ମପୁର ଉପକଣ୍ଠ ମାଣ୍ଡିଆପଲ୍ଲୀରେ ମଙ୍ଗଳବାର ରାତିର ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ଘଟଣାର ଦୁଇଦିନ ପରେ ଦୁର୍ଘଟଣା ସମୟର ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ଦେଖିଲେ ଆପଣଙ୍କ ଦେହ ଶିତେଇଯିବ । ରାସ୍ତା ଉପରେ ବ୍ୱାଇଁଙ୍କୁ ସ୍ୱାଗତ ପାଇଁ ବାଟବରଣ ଚାଲିଥିବାବେଳେ ପବନବେଗରେ ସ୍କର୍ପିଓ ଆସି କନ୍ୟାଯାତ୍ରୀଙ୍କୁ ଧକ୍କା ଦେଉଛି ଆଉ ଏଥିରେ ୩ ଜଣ ପ୍ରାଣ ହରାଇଛନ୍ତି । ଝିଅ ବାହାଘର ଚାଲିଥିଲା, ବାଟବରଣ ହେଉଥିଲା । ବ୍ୱାଇଁଙ୍କୁ ସ୍ୱାଗତ ପାଇଁ ରାସ୍ତା ଉପରେ ଛିଡା ହୋଇଥିବାବେଳେ ହଠାତ୍ ମାଡିଆସିଥିଲା ମୃତ୍ୟୁର ଦୂତ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଟୁ ପବନ ବେଗରେ ସ୍କର୍ପିଓ ଆସି କନ୍ୟାଯାତ୍ରୀଙ୍କୁ ଏମିତି ଧକ୍କା ଦେଲା ଯେ ଘଟଣାସ୍ଥଳରେ ୩ ଜଣ ପ୍ରାଣ ହରାଇଲେ । ମଙ୍ଗଳବାର ରାତିରେ ବ୍ରହ୍ମପୁର ଉପକଣ୍ଠ ମାଣ୍ଡିଆପଲ୍ଲୀରେ ଘଟିଥିବା ଭୟଙ୍କର ଦୁର୍ଘଟଣାର ଚିତ୍ର ଦେଖିଲେ ନିଶ୍ଚିତ ଭାବେ ଜଣକର ଲୋମ ଟାଙ୍କୁରି ଉଠିବ । ମଙ୍ଗଳବାର ରାତିରେ ମାଣ୍ଡିଆପଲ୍ଲୀ ଗାଁରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି । କନ୍ୟାଯାତ୍ରୀଙ୍କ ଉପରେ ଗାଡି ମାଡିଯିବା ଫଳରେ ଜଣେ ନାବାଳିକା ସମେତ ୩ ଜଣ ପ୍ରାଣ ହରାଇଛନ୍ତି । ୧୩ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଗାଡି ଡ୍ରାଇଭର

▶▶ପୃଷ୍ଠା ୭

## ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ମୂଳ ବିଷୟକୁ ନଖୋଜି ପ୍ରାୟୋଜିତ କାର୍ଯ୍ୟ କରୁଛି ଶାସକ ଦଳ : ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୬/୦୨ (ନି.ପ୍ର): ଓଡ଼ିଶାରେ ସରକାରୀ ଦଳ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ପ୍ରାୟୋଜିତ କାର୍ଯ୍ୟ କରୁଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡର ମୂଳ ବିଷୟକୁ ନ ଖୋଜି ଶାସକ ଦଳ ପ୍ରାୟୋଜିତ କାର୍ଯ୍ୟ କରୁଛି ବୋଲି ଗଣମାଧ୍ୟମ ପ୍ରଶ୍ନର ପ୍ରତିକ୍ରିୟାରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ । ଶାସକ ଦଳର ଅନେକ ମନ୍ତ୍ରୀ ହତ୍ୟା ଓ ବିଭିନ୍ନ କେଳେଙ୍କାରୀରେ ସାମିଲ ଅଛନ୍ତି । ନୈତିକତା କଥା କିଏ କହୁଛି ? ରାଜନୀତିରେ ହିଂସାର୍ ସ୍ଥାନ ନାହିଁ । କିନ୍ତୁ ପ୍ରସଙ୍ଗ କେବଳ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ନୁହେଁ । କ୍ୟାବିନେଟ ମନ୍ତ୍ରୀଙ୍କୁ ଜଣେ ଏଏସଆଇ ହତ୍ୟା କଲେ, ତାହା ହେଉଛି ମୂଳ ବିଷୟ । ଏହି ହତ୍ୟା ଘଟଣାର ମୂଳ କାରଣକୁ ନଖୋଜି ଶାସକ ଦଳର ଏଭଳି ପ୍ରାୟୋଜିତ କାର୍ଯ୍ୟକ୍ରମ ଦୁର୍ଭାଗ୍ୟଜନକ । ଓଡିଶା ପୋଲିସକୁ ଜୟ ନାରାୟଣ ମିଶ୍ର ବିଶ୍ୱାସ କରୁନଥିବା କଥା କହିଛନ୍ତି । ଗୃହ ରାଷ୍ଟ୍ର ମନ୍ତ୍ରୀ ପୋଲିସ ଲାଞ୍ଚ ନେଉଥିବା ଯେତେବେଳେ କହିଲେ, ସେହି ସମୟରେ ତାଙ୍କୁ କେହି ସଂସ୍ଥା ବିରୋଧ କରିଥିଲେ କି ? ଅପରପକ୍ଷରେ ପିଏସଓ କେବଳ ଫୋନ ଉଠାଇବା ପାଇଁ ଥିବା କଥା ଆସୁଛି । ସୌମ୍ୟ ବାବୁଙ୍କ ବଳି ବରିଷ୍ଠ ନେତା ଗୋପାଳ ଦାସ ଭଳି ପୋଲିସଙ୍କୁ ଭୟ ଲାଗିବା କଥା କହୁଛନ୍ତି । ଶାସକ ଦଳ ୩ଟି ବଡ଼ ବଡ଼ ପୋଲିସ ଟିମକୁ ଲଗାଇ ପ୍ରାୟୋଜିତ ଭାବେ ଜୟ ନାରାୟଣ ମିଶ୍ରଙ୍କୁ ଭୁଲ ମାଗିବା ପାଇଁ ବାଧ କରୁଛି । ଅଧିକାର ଅନୁସାରେ ଜୟ ନାରାୟଣ ମିଶ୍ର ଗଣତନ୍ତ୍ରର ବିରୋଧୀ ଦଳର ନେତା, କାହାର ଦୟାର ପାତ୍ର ନୁହେଁ । ଆମେ ଛୋଟ ଥାଇପାରୁ କିନ୍ତୁ ବିରୋଧୀ ଦଳ ନେତାଙ୍କୁ ସମାଲୋଚନା କରିବା ପାଇଁ କିଛି ବି ପ୍ରଚେଷ୍ଟା କରିବୁ ଏପ୍ରକାର ଅହଙ୍କାର ଭାବ ରହିବା ଉଚିତ ନୁହେଁ ।

# ବସ ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ବଲାଙ୍ଗିର, ୧୬/୦୨ (ନି.ପ୍ର): ଗତକାଲି ରାତି ପ୍ରାୟ ସାଢେ ନଅଟା ବେଳେ ପାଟଣାଗଡ ପୋଲିସ ଥାନା ଅନ୍ତର୍ଗତ ରାମପୁର ପେଟ୍ରୋଲ ପମ୍ପ ଆଗରେ ବସ ଧକ୍କା ରେ ଦୁଇଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଉଭୟେ ହେଲେ ତୁଷୁରା ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ଅସିତ୍ ମେହେର (୨୭) ଓ ମଳୟ ମନହୀରା ( ୨୪) ।ଉଭୟେ ଏକ ବାହାଘରରେ ଯୋଗଦେବାକୁ ବାଇକ୍ ନଂ ଓ ଡି ୦୩ ୟୁ ୭୦୩୭ ଯୋଗେ ଯାଉଥିବା ବେଳେ ପାଟଣାଗଡ ରୁ ବାହାରି ଭୁବନେଶ୍ୱର ଯାଉଥିବା ଜୟ ମାତାଦୀ ନାମକ ଘରୋଇ ବସ ଓ ଡି ୨୬ ସି ୯୮୭୭ ସହ ବୁଲାନି ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା ।

# ମାଡ଼ିଗଲା ଅଜଣା ଗାଡ଼ି : ଚାଲିଗଲା ଗୃହରକ୍ଷୀଙ୍କ ଜୀବନ

ଆନନ୍ଦପୁର, ୧୬/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ଦେଓଗାଁ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ମାଡ଼ି ଯିବାରୁ ଜଣେ କାର୍ଯ୍ୟରତ ଗୃହରକ୍ଷୀଙ୍କ ପ୍ରାଣହାନି ଘଟିଛି । ମୃତ ଗୃହରକ୍ଷୀ ହେଉଛନ୍ତି ସୁରେଶ କୁମାର ରାଉତ । ତାଙ୍କର ବୟସ ୪୭ ବର୍ଷ । ତାଙ୍କର ଘର ତରିମୂଳ ଗାଁରେ ବୋଲି ଜଣାଯାଇଛି ।




ସୂଚନା ଅନୁଯାୟୀ ସୁରେଶ ଘଷିପୁରା ଥାନାରେ କାମ କରନ୍ତି । ଗତକାଲି ବିଳମ୍ବିତ ରାତିରେ ସୁରେଶ ଦେଓଗାଁ ଛକ ନିକଟରେ ପେଟ୍ରୋଲିଂ କରୁଥିଲେ । ସେ କୁଶଳେଶ୍ୱର ମନ୍ଦିର ସମ୍ମୁଖରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କୁ ଅଜଣା ଗାଡ଼ି ଧକ୍କା ଦେଇଥିଲା । କୁହାଯାଉଛି, ସେ ଏକ ମାଲ ବୋଝେଇ ଗାଡ଼ିକୁ ଅଟକାଇବାକୁ ଯାଇଥିବା ବେଳେ ସେହି ଗାଡ଼ିଟି ତାଙ୍କ ଉପରେ ଚଢ଼ିଯାଇଥିଲା । ଏହାପରେ ଗାଡ଼ିଟି ଫେରାର ମାରିଥିଲା ।
ପୁଲିସ ଖବର ପାଇ ଉକ୍ତ ଗାଡ଼ିର ପିଛା କରିଥିଲେ ବି ତାକୁ ଧରିବାରେ ସଫଳ ହୋଇନଥିଲେ । ତେବେ ସୁରେଶଙ୍କ ସହ ଅନ୍ୟ ଜଣେ କର୍ମଚାରୀ ବି ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ହେଲେ ତାଙ୍କର କିଛି କ୍ଷତି ହୋଇ ନଥିବାର ସୂଚନା ମିଳିଛି । ଘଷିପୁରା ଥାନା ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୧୬/୦୨ (ନି.ପ୍ର): ଲଖନପୁର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୧୪୫ଟି ଅଭିଯୋଗ ଶୁଣାଣି ହୋଇଛି । ଏଥିମଧ୍ୟରୁ ୨୨ଟି ସାମୁହିକ ଓ ୧୨୩ଟି ବ୍ୟକ୍ତିଗତ । ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଂଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତୋଳାମଣି ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଢ଼ା, ଏସିଏଫ୍ ମନୁ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଜମି ଚିହ୍ନଟ, କାଳିଆ ଯୋଜନାରେ ନାମ ଅନ୍ତର୍ଭୁକ୍ତ କରିବା, ବିଦ୍ୟୁତ ସଂଯୋଗ, ରାସ୍ତା ନିର୍ମାଣ, ଜମିଜମା ବିବାଦ, ଜମି ବାବଦକୁ କ୍ଷତିପୂରଣ, ପ୍ୟାକ୍ସ ପଞ୍ଜିକରଣ ଓ ଫସଲ ବୀମା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରାଯାଇ ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଚିକିତ୍ସା ବାବଦକୁ ୧୮ଜଣଙ୍କୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୫୪୫୦୦ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କମଳା ପ୍ରକାଶିନୀ ଲୋକାର୍ପଣ

କନ୍ଧମାଳ, ୧୬/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀରେ ନୂଆକରି କମଳା ପ୍ରକାଶିନୀ ର ଲୋକାର୍ପଣ ହୋଇଯାଇଛି । ଜିଲ୍ଲା ଲେଖକ ସାମ୍ମୁଖ୍ୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ, ଜଣାଶୁଣା ସାହିତ୍ୟିକ ଓ ସମାଜସେବୀ ଡ଼ଃ ନୃସିଂହାନନ୍ଦ ମହାପାତ୍ର ଅନୁଷ୍ଠାନର ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ । ସାହିତ୍ୟର ପ୍ରଚାର, ପ୍ରସାର, ସମାଜସେବା, ବୃକ୍ଷରୋପଣ, ରକ୍ତଦାନ, ପ୍ରତିଭା ସମ୍ମାନ ଆଦି ବିଭିନ୍ନ ଦିଗରେ କାର୍ଯ୍ୟକ୍ରମ କରିବ ବୋଲି ଅବଗତ କରାଇଥିଲେ । ପ୍ରକାଶନୀର ପ୍ରତିଷ୍ଠାତା ସଭାପତି ନିଜ ମାଆ କମଳା ମହାପାତ୍ର ଥିଲା ବେଳେ ରାମକୃଷ୍ଣ ବେହେରା କାର୍ଯ୍ୟକାରୀ ସଭାପତି,, ବରଷ୍ଠ ଶିଶୁ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ ଉପ ସଭାପତି, ଜୟଲକ୍ଷ୍ମୀ ମହାପାତ୍ର କୋଷାଧ୍ୟକ୍ଷ, ମନୋଜ କୁମାର ଖାଡ଼ଙ୍ଗା ସହ ସମ୍ପାଦକ ମନୋନୀତ ହୋଇଛନ୍ତି । ସର୍ବଶ୍ରୀ ରବୀନ୍ଦ୍ରନାଥ ମିଶ୍ର, ଅରୂପାନନ୍ଦ ନାୟକ, ପ୍ରସନ୍ନ କୁମାର ପଣ୍ଡା, ସୁନୀତି ଆଚରି, ଜ୍ୟୋତିର୍ମୟୀ କହଁର, ଡ଼ଃ ଚିତରଞ୍ଜନ ମିଶ୍ର, ପୁର୍ନେନ୍ଦୁ ତ୍ରିପାଠୀ, କୁମାର କୁନ୍ଦନ ସିଂ, ସନ୍ତୋଷ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଡ଼ଃ ମହାପାତ୍ରଙ୍କ ଏହି ସାଧୁ ଉଦ୍ୟମ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ।

# ବେକରେ ଓଢଣି ଦେଇ ମହିଳାଙ୍କ ଆତ୍ମହତ୍ୟା

ଜୟପୁର, ୧୬/୦୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲ୍ଲି ରେ ଜଣେ ମହିଳା ଆତ୍ମ ହତ୍ୟା କରିଛନ୍ତି । ମୃତ ମହିଳା ଜଣକ ହେଲେ ପଦ୍ମିନି ପାଙ୍ଗି (୩୪) । ପୋଲିସ ସୁଚନା ଅନୁଯାଇ ପଦ୍ମିନି ପାଙ୍ଗି ନାମକ ଜଣେ ମହିଳା ଗତ ୭ ମାସ ତଳେ ଗୋବିନ୍ଦ ତନ୍ତିକୁ ବିବାହ କରିଥିଲେ । ଆଜି ମହିଳା ଜଣକ ରଣ୍ଡାପାଲ୍ଲି ଘରେ ବେକରେ ଓଢଣି ଦେଇ ଆତ୍ମହତ୍ୟା କରିଛନ୍ତି । ଆଖ ପାଖ ଲୋକେ ଦେଖି ଜୟପୁର ସଦର ପୋଲିସ ଖବର ଦେଇଥିଲେ ।
ପୋଲସ ପହଂଚି ଶବକୁ ଜବତ କରି ଜିଲା ଚିକିତ୍ସାଳରେ ଶବ ବ୍ୟବଛେଦ କରିଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ସିଟି ହସପିଟାଲ ଦାବିରେ ରାଜ୍ୟପାଳଙ୍କୁ ଭେଟିଲେ ପ୍ରତିନିଧି ମଣ୍ଡଳୀ

କେନ୍ଦ୍ରାପଡ଼ା, ୧୬/୦୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ପୁରୁଣା ଜିଲ୍ଲା ଚିକିତ୍ସାଳୟ ପରିସରରେ ସିଟି ହସପିଟାଲ ସ୍ଥାପନ ଦାବିନେଇ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ବୁଧବାର ରାଜଭବନ ପରିସରରେ ସାକ୍ଷାତ କରି ଆଲୋଚନା କରିବା ସହ ଏଦିଗରେ ହସ୍ତକ୍ଷେପ କରିବା ପାଇଁ ନିବେଦନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ରାଜ୍ୟ ସରକାର କୌଣସି ବିକଳ୍ପ ବ୍ୟବସ୍ଥା ନକରି କେନ୍ଦ୍ରାପଡା ସହରରୁ ମୁଖ୍ୟ ଚିକିତ୍ସାଳୟକୁ ଶ୍ୟାମଗୁଡିଆକୁ ସ୍ଥାନାନ୍ତର କରିଥିବାରୁ କେନ୍ଦ୍ରାପଡା ସହର ଓ ଆଖପାଖ ପ୍ରାୟ ୧୫ଟି ପଂଚାୟତର ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଛନ୍ତି । ସେଥିନିମନ୍ତେ ଗୋଟିଏ ଅର୍ବାନ ସିଏଚ୍‌ସି ବା ସିଟି ହସପିଟାଲ ଖଡିଅଙ୍ଗ ଠାରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଷ୍ଠା କରିବା ପାଇଁ ଦାବି ଜଣାଇଛନ୍ତି । ସିଟି ହସପିଟାଲ ସପକ୍ଷରେ କେନ୍ଦ୍ରାପଡା ପୌରାଧକ୍ଷାଙ୍କ ସମେତ ୨୧ ଜଣ କାଉନସିଲର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ସିଟି ହସପିଟାଲ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ରାଜ୍ୟପାଳ ଏହି ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କଲାପରେ ସିଟି ହସପିଟାଲ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି । ଏହି ପ୍ରତିନିଧି ମଣ୍ଡଳୀରେ କାଉନସିଲର ରଶ୍ମିତା ସିଂହ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି, ସିପିଏମ୍‌ର ନେତା ଗୟାଧର ଧଳ, ପୂର୍ବତନ ପୌର ଅଧ୍ୟକ୍ଷ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ ଶିକ୍ଷାଧିକାରୀ ହେମନ୍ତ କୁମାର ଜେନା, ସେକ ସଲିମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଧୁକ ମୁନରେ ବିବାହ ନିବେଦନ ଓ ହତ୍ୟା ଧମକ ମାମଲା : ଅଭିଯୁକ୍ତକୁ ୩ ବର୍ଷ ଜେଲ୍ ଦଣ୍ଡ

ବୌଦ୍ଧ, ୧୬/୦୨ (ନି.ପ୍ର): ବୌଦ୍ଧ ସିଜେଏମ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ବୁଧବାର ଏକ "ବନ୍ଧୁକ ମୁନରେ ବିବାହ ନିବେଦନ ଓ ହତ୍ୟା ଧମକ" ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତକୁ ୩ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ରୁଣ୍ଡିମହୁଲ ଗ୍ରାମର ପଞ୍ଚାନନ ମୁନା(୪୦) । ମାମଲା ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ରୁଣ୍ଡିମହୁଲ ଗ୍ରାମର ପଞ୍ଚାନନ ୨୦୧୭ ମସିହା ଜୁନ ୨୬ ତାରିଖ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରପଦର ଗ୍ରାମର ହର ନାଗଙ୍କ ଘରକୁ ସକାଳ ୯ଟାରେ ଧସେଇ ପଶିଥିଲେ । ହର ଚାଷ ଜମିକୁ ଯାଇଥିବା ବେଳେ ଘରେ ତାଙ୍କର ସ୍ତ୍ରୀ ଓ ଝିଅ ଥିଲେ । ପଞ୍ଚାନନ ହରଙ୍କ ଝିଅ ମୁଣ୍ଡରେ ପିସ୍ତଲ ରଖି ବିବାହ କରିବାକୁ କହିଥିଲେ । ଏଥିରେ ରାଜି ନ ହେଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ପଡ଼ୋଶୀଙ୍କ ପାଖରୁ ଖବର ପାଇ ହର ଘରକୁ ଆସି ପଞ୍ଚାନନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ସେ ତାଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳି କରି ହତ୍ୟା ଧମକ ଦେଇଥିଲେ । କଣ୍ଟାମାଳ ଥାନାରେ ହର ନାଗଙ୍କ ଲିଖିତ ଅଭିଯୋଗ ପରେ ପୁଲିସ କେସ୍ ନଂ ୬୦/୧୭ରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ସିଜେଏମଙ୍କ କୋର୍ଟର ଏସଟି କେସ ନଂ.୩୭/୧୭ରେ ରୁଜୁ ହୋଇ ବିଚାର ଆରମ୍ଭ ହୋଇଥିଲା । ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି । ମାମଲାକୁ ସରକାରୀ ଓକିଲ ଦେବରଞ୍ଜନ ବିଶି ପରିଚାଳନା କରୁଥିଲେ ।



# ପାଟଣାଗଡ ଅବକାରୀ ବିଭାଗ ଦ୍ୱାରା ୧୭ କିଲୋ ଗଞ୍ଜେଇ ଜବତ : ୩ ଜଣ ଗିରଫ

ବଲାଙ୍ଗିର, ୧୬/୦୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅବକାରୀ ବିଭାଗ ପେଟ୍ରୋଲିଂ କରୁଥିବା ସମୟରେ ଗତକାଲି ବିଭିନ୍ନ ସ୍ଥାନରୁ ୧୭ କେଜି ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଜୟଧର ସୁନା , ରାଜେଶ ସୁନା, ଓ ଜୟସିଂ ଯାଦବ ବୋଲି ଜଣାପଡିଛି । କୋର୍ଟ ରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପ ନିରୀକ୍ଷକ ସତ୍ୟନାରାୟଣ ଦାସଙ୍କ ଠାରୁ ଜଣାପଡିଛି । ସୂଚନା ଅନୁସାରେ ଗତକାଲି ଅବକାରୀ ବିଭାଗର ଦୁଇଟି ଟିମ୍ ଲାଠୋର ଥାନା ଅଧୀନରେ ଥିବା ଝାକ୍ରିପାଲି ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ । ଠିକ ଏହି ସମୟରେ ଏକ ଫେସନ ପ୍ଲସ ବାଇକ୍ ଯୋଗେ ଦୁଇ ଜଣ ଯୁବକ ମଝିରେ ଏକ ଭର୍ତ୍ତି ଥିବା ଜରିବସ୍ତା ଧରି ସେହି ରାସ୍ତା ଦେଇ ଦ୍ରୁତ ଗତି ରେ ଯାଇଥିଲେ । ଅବକାରୀ ବିଭାଗ ସନ୍ଦେହ କରି ସେମାନଙ୍କୁ ପିଛା କରିଥିଲା । କିଛି ବାଟ ପିଛା କରିବା ପରେ ସେମାନଙ୍କୁ ଅଟକାଇବାରେ ସଫଳ ହୋଇଥିଲା । ଯାଞ୍ଚ ସମୟରେ ବାଇକ୍ ରେ ଥିବା ଜୟଧର ସୁନା ଓ ରାଜେଶ ସୁନା ଧରି ଥିବା ଜରିବସ୍ତା ରୁ ଗଞ୍ଜେଇ ବାହାରି ଥିଲା । ଅନୁରୂପ ଭାବରେ ସେହି ରାସ୍ତା ର ଅନୀତ ଦୂରରେ ଥିବା ଜଣେ ଯୁବକ ମଧ୍ୟ ଏକ ଅଧା ଜରି ଭର୍ତ୍ତି ଥିବା ବସ୍ତା ଧରି ଏକ ଗଛ ମୂଳେ ଅଟକି ରହିଥିଲା । ଅବକାରୀ ବିଭାଗର ସନ୍ଦେହ ହେବାରୁ ଉକ୍ତ ଯୁବକ ଙ୍କୁ ମଧ୍ୟ ପଚାରା ଉଚରା ପରେ ଜରିବସ୍ତା ଖୋଲି ଦେଖାଇବାକୁ କୁହାଯାଇଥିଲା । ସେହି ବସ୍ତାରେ ମଧ୍ୟ ଗଞ୍ଜେଇ ଥିବା ବିଭାଗ ଜାଣିପାରିଥଲା । ଘଟଣା ସ୍ଥଳରୁ ୩ ଜଣ କୁ ଗିରଫ କରି ପାଟଣାଗଡ଼ ଅବକାରୀ ଉପ କାର୍ଯ୍ୟାଳୟ କୁ ଅଣାଯାଇଥିଲା । ଅଧିକ ତଦନ୍ତ ପରେ ଜୟଧର ଓ ରାଜେଶ ଙ୍କ ଠାରୁ ୧୦ ଓ ଜୟସିଂ ଙ୍କ ବସ୍ତା ରୁ ୭ ଗଞ୍ଜେଇ ଥିବା ଜଣାପଡିଥିଲା । ପୃଥକ୍ ପୃଥକ୍ ଭାବରେ ଦୁଇ ଟି ମାମଲା ରୁଜୁ କରି ତିନି ଜଣ ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପନିରିକ୍ଷକ ଶ୍ରୀ ଦାସ ଙ୍କ ଠାରୁ ଜଣାପଡିଛି ।

# ଚମ୍ପୁଆ ଡାକ୍ତରଖାନାରେ ମୌଳିକ ସୁବିଧାରୁ ବଂଚିତ ଗର୍ଭବତୀ ମହିଳା

ଚମ୍ପୁଆ, ୧୬/୦୨ (ନି.ପ୍ର): ସ୍ୱାସ୍ଥ୍ୟ ବିଭାଗ ରୋଗୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଥିଲେ ହେଁ ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ କିନ୍ତୁ ଗର୍ଭ ବେଦନା ଭୋଗୁଥିବା ଗର୍ଭବତୀ ମହିଳାଙ୍କ ପାଇଁ ମୌଳିକ ସୁବିଧା ଟିକେ ବି ମିଳିପାରୁନି । ସବୁ ଯେମିତି କେବଳ କାଗଜ କଲମରେ ଚାଲୁଥିବା ଦେଖିବାକୁ ମିଳୁଛି । ଏହି ଡାକ୍ତରଖାନାକୁ ନିର୍ଭର କରି ଚମ୍ପୁଆ ଅଂଚଳ ସମେତ ସୀମାନ୍ତ ଝାରଖଣ୍ଡ ରାଜ୍ୟ ଏବଂ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାରୁ ଦୈନିକ ଡାକ୍ତରଙ୍କୁ ଦେଖା କରିବାକୁ ଆସୁଥିବା ଗର୍ଭବତୀ ପ୍ରସୂତି ମହିଳାମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି । ତାଙ୍କ ପାଇଁ ସାଧାରଣ ଚେୟାର କିମ୍ବା ବସିବାପାଇଁ କୌଣସି ସୁବିଧା ଯୋଗାଇ ଦିଆଯାଉ ନାହିଁ । ଗର୍ଭ ବେଦନାରେ ଥାଇ ମଧ୍ୟ ମହିଳା ରୋଗୀମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ାହୋଇ ରହୁଥିବା ସାଧାରଣରେ ଏହି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟକାରିତା ଓ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ଏହା ଏବେ ଚମ୍ପୁଆ ବାସୀଙ୍କୁ ବ୍ୟଥିତ କରୁଥିବା ଦେଖିବାକୁ ମିଳୁଛି । ସ୍ୱାସ୍ଥ୍ୟ ବିଭାଗ ରୋଗୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଥିବାବେଳେ କାୟାକଳ୍ପ ନାମରେ ସୌନ୍ଦର୍ଯ୍ୟ କରଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଉଛି । ରୋଗୀ କଲ୍ୟାଣ ସମିତି ନାମରେ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରା ଯାଉଛି । ହେଲେ ଏଠି ରୋଗୀଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନଥିବାରୁ ଏହାକୁ ନେଇ ସାଧାରଣରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏ ସମ୍ପର୍କରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ରିସିଭ କରୁନଥିବାରୁ କୌଣସି ମତାମତ ମିଳିପାରୁ ନାହିଁ । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ତିଖାଳି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ହକ୍ ପାଇଁ ଆନ୍ଦୋଳନ କରିବାକୁ ଏକାଠି ହେଲେ ୨୭ ଗାଁର ବିସ୍ଥାପିତ

କୋମନା, ୧୬/୦୨ (ନି.ପ୍ର): କୋମନା ଓ ଖଡ଼ିଆଳ ବ୍ଲକ୍‌ର ମଧ୍ୟଭାଗରେ ନିର୍ମିତ ତିଖାଳି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ବିସ୍ଥାପିତମାନଙ୍କ ସମସ୍ୟାର ସମାଧାନ ଆଜି ହୋଇ ପାରି ନାହିଁ । ଏଥିପାଇଁ ସେମାନେ ପୁଣି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି । ବୁଧବାର ୨୭ଟି ଗାଁର ବିସ୍ଥାପିତମାନେ ତିଖାଳି ମନ୍ଦିର ପରିସରରେ ଏକାଠି ହୋଇଥିଲେ । ବରିଷ୍ଠ ବିସ୍ଥାପିତ କରୁଣାକର ହୋତାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ଆଗମୀ ଦିନରେ ଆନ୍ଦୋଳନର ରୂପରେଖ ସଂପର୍କରେ ଏକ ଚିଠା ପ୍ରସ୍ତୁତ କରିଥିଲେ । ଏହି ବୈଠକରେ ବିସ୍ଥାପିତ ସହାୟତା ସମିତି ଉପଦେଷ୍ଟା ଅମରେଶ ପଟ୍ଟନାୟକ, ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଉଡ଼, ସହସମ୍ପାଦକ ଦୁର୍ଯ୍ୟୋଧନ ମାଝୀ, ବରିଷ୍ଠ ସଦସ୍ୟ ଜୟରାମ ମାଝୀ, ଧ୍ରୁବ ଚରଣ ଦଳ, ଟିକେରାମ ଦଳ, ଯୋଗେନ୍ଦ୍ର ନାଗ, ନାରୟଣ ଅହିର, ବିଶ୍ୱେଶ୍ୱର ଜଗତ, ଧନୁ ହଂସ, ଚିତ୍ର କଠାର, ରାଧେଶ୍ୟାମ ବେହେରା, ହୃଷୀକେଶ ବେହେରା, ନରସିଂହ ପୋଡ଼ଙ୍କ ସମେତ ୨୭ଟି ଗାଁର ବରିଷ୍ଠ ବିସ୍ଥାପିତମାନେ ଅଂଶଗ୍ରହଣ କରି ନିଜ ନିଜ ମତ ପ୍ରକାଶ କରିଥିଲେ ।
ସୋମନଙ୍କ କହିବା ହେଲା, ଚାଷୀମାନଙ୍କ ଜମିକୁ ଜଳସେଚନ ପାଇଁ ୨୦୦୦ ମସିହାରେ ଏହି ପ୍ରକଳ୍ପ କାମ ଆମ ଆରମ୍ଭ ହେଲା । ଏହା ଦ୍ୱାରା ୧୦ଟି ଗାଁ ସଂପୂର୍ଣ୍ଣ ଓ ୧୭ଟି ଗାଁ ଆଂଶିକ ଭାବେ ନିଜ ନିଜ ଭିଟାମାଟି ହରାଇଥିଲେ । କିନ୍ତୁ, ଏହି ବିସ୍ଥାପିତମାନଙ୍କ ଜମିବାଡ଼ି ଘରଦ୍ୱାରର କ୍ଷତିପୂରଣ ଅତି କମ୍ ଦିଆଗଲା । ଫଳରେ କ୍ଷତିଗ୍ରସ୍ତ ବିସ୍ଥାପିତମାନେ ଗାଁ ଛାଡ଼ି ଅନ୍ୟତ୍ର ନୂତନ ବସତିରେ ସେମାନଙ୍କୁ ମିଳିଥିବା ଟଙ୍କାରେ ଠିକ୍ ଭାବେ ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ବି କରି ପାରିନଥିଲେ । ଆରମ୍ଭରୁ ଏହି ପ୍ରକଳ୍ପରେ ଦଲାଲମାନଙ୍କ ପ୍ରଭାବରେ ପଡ଼ି ଦୁର୍ନୀତିଗ୍ରସ୍ତ ପଦାଧିକାରୀଙ୍କ କାର୍ଯ୍ୟକଳାପ ଯୋଗୁଁ ଉଚିତ ବିସ୍ଥାପିତଙ୍କୁ ବାଦ୍ ଦେଇ ଜାଲିଆତି କରି ନକଲି ବିସ୍ଥାପିତମାନଙ୍କ ନାମରେ କୋଟି କୋଟି ଟଙ୍କା ଆତ୍ମସାତ୍ ହଇଥିବା ଜାଣିପାରି ଆରମ୍ଭରୁ ବିସ୍ଥାପିତମାନଙ୍କ ଦ୍ୱାରା ଗଠିତ ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଏହାକୁ ନେଇ ପ୍ରତିବାଦ କରିବା ସହ ହଜାର ହଜାର ବିସ୍ଥାପିତମାନଙ୍କୁ ନେଇ ବିଗତ ଦିନରେ ପ୍ରତିବାଦ କରିବା ସହ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ୧୦୫ ଦିନ ଧରି ଆନ୍ଦୋଳନ କରାଯାଇଥିଲା ।
ବିସ୍ଥାପିତମାନଙ୍କ ଆନ୍ଦୋଳନ ପାଖକୁ ରାଜନେତା ଆସି ସମର୍ଥନ ଜଣାଇବାରୁ ବିସ୍ଥାପିତମାନଙ୍କୁ ସନ୍ତୋଷ କରିବା ପାଇଁ ତଦନ୍ତ ହେଲା । ଦୁର୍ନୀତି ଧରାପଡ଼ିବା ପରେ ପୂର୍ବ ବିଭାଗୀୟ ପଦାଧିକାରୀଙ୍କୁ ଗିରଫ କରାଗଲା । ବାଦ୍ ପଡ଼ିଥିବା ଯୋଗ୍ୟ ବିସ୍ଥାପିତମାନଙ୍କୁ ଚିହ୍ନଟ କରିବା ପାଇଁ ପଦକ୍ଷେପ ନିଆଗଲା । ହେଲେ ପୂର୍ବପରି ମୃତ ଓ ଅନ୍ୟ ଗାଁର ଲୋକଙ୍କୁ ସାମିଲ କରି କୋଟି କୋଟି ଟଙ୍କା ଲୁଟି ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ତଥାପି ତଦନ୍ତରେ ଶିଥିଳତା ଯୋଗୁଁ ବାଦ୍ ପଡ଼ିଥିବା ଶତାଧିକ ବିସ୍ଥାପିତ ଦୟନୀୟ ଅବସ୍ଥାରେ ରହିଛନ୍ତି । ଏନେଇ ବିସ୍ଥାପିତ ସହାୟତା ସମିତି ତରଫରୁ ଗତ ଡିସେମ୍ବର ମାସରେ ହୋଇଥିବା ଆରପିଡିଏସି ବୈଠକରେ ଦାବି କରାଯାଇଥିଲା । କ୍ଷତିଗ୍ରସ୍ତ ବିସ୍ଥାପିତଙ୍କ ପ୍ରତି ବିଭାଗୀୟ ପଦାଧିକାରୀଙ୍କ ଏପରି ମନୋଭାବକୁ ନେଇ ବିସ୍ଥାପିତ ମହଲରେ କ୍ଷୋଭ ପ୍ରକାଶ କରି ଆଗାମୀ ଦିନରେ ଆମରଣ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି ।



# ବରିଷ୍ଠ ନାଗରିକମାନଙ୍କ ଆୟୋଜନରେ ମାତୃପିତୃ ପୂଜନ ଦିବସ ପାଳିତ

କନ୍ଧମାଳ, ୧୬/୦୨ (ନି.ପ୍ର): ଫୁଲବାଣୀ ସହରର ରାମମନ୍ଦିର, ହାଟପଦା ରେ ଅବସ୍ଥିତ ଯାତ୍ରା କମିଟି ପକ୍ଷରୁ ବୈଠକ କେନ୍ଦ୍ର ରେ ସଂଧ୍ୟା ୬ ଟା ସମୟରେ ମାତୃପିତୃ ପୂଜନ ଦ୍ୱିସ ଅତି ସୁନ୍ଦର ଭାବରେ ପାଳିତ ହୋଇଯାଇଛି । ସହରର ୩୦ ପରିବାର ମାତାପିତା, ଆଇଅଜା ନିଜର ଝିଅପୁଅ, ନାତୁଣୀ ନାତି ଙ୍କ ସହିତ ଉପସ୍ଥିତ ହୋଇ ଏହି କାର୍ଯ୍ୟକୁ ସମ୍ପାଦନ କରିଥିଲେ । ପ୍ରାରମ୍ଭରେ ମାତୃପିତୃ ପୂଜନ ଦ୍ୱିସର ତାତ୍ପର୍ଯ୍ୟ ସମ୍ପର୍କରେ ନବୀନ କିଶୋର ପଣ୍ଡା ସୂଚନା ଦେବାକୁ ଯାଇ କିପରି ବୟସ୍କ ମାତାପିତା ସମ୍ମାନ ସହିତ ପରିବାରରେ, ସେମାନଙ୍କ ଆବଶ୍ୟକତା କିପରି ପୂରଣ ହୋଇପାରିବ ସେ ବିଷୟରେ ପିଲାମାନଙ୍କୁ ଶିକ୍ଷାଦେଇ ଚନ୍ଦନ, ଫୁଲ ଓ ଦୀପରେ ବନ୍ଦପନା କରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପରମ୍ପରାରେ ଅନୁପ୍ରାଣିତ ହୋଇ ବୟସ୍କ ମାତାପିତାଙ୍କୁ ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ଶାନ୍ତିରେ ରହିବା ପାଇଁ ଆଗାମୀପିଢ଼ର ଯୁବକ ଯୁବତୀମାନଙ୍କୁ ଆବଶ୍ୟକ ଧାରଣା ଦେଇଥିଲେ । ଏହି ଅବସରରେ କେତେକ ପୁଅଝିଅ ଓ ଶିକ୍ଷୟିତ୍ରୀ ଆଜିର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିବା ସଂଗେ ସଂଗେ ବରିଷ୍ଠ ଆଇନଜୀବୀ ଭି. ଭି. ରାମଦାସ, ଅନନ୍ତ ମିଶ୍ର, ବାସୁଦେବ ପ୍ରହରାଜ, ନବକିଶୋର ରଥ ପିଲାମାନଙ୍କୁ ବହୁତ ସୁନ୍ଦର ଉପଦେଶ ଦେଇଥିଲେ । ଶେଷରେ ବଂଶୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସମସ୍ତଙ୍କୁ ଜଳପାନ ଦ୍ୱାରା ଆପ୍ୟାୟିତ କରାଯାଇଥିଲା । ଏହି ଉତ୍ସବକୁ ସଚେତନ ବରିଷ୍ଠ ନାଗରିକ ତରଫରୁ ସର୍ବଶ୍ରୀ ନବୀନ କିଶୋର ପଣ୍ଡା, ଭି. ଭି. ରାମଦାସ, ବଂଶୀଧର ପଣ୍ଡା, ରାଜକିଶୋର ପାଢୀ, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ନବକିଶୋର ରଥ ଓ ପ୍ରଶନ ମଣ୍ଡଳ ପ୍ରମୁଖ ଏହି ଉତ୍ସବ ପାଳନ କରିବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ୫ ହଜାର ବର୍ଷର ପୁରୁଣା ପବ୍ ରେଷ୍ଟୁରାଣ୍ଟ ଆବିଷ୍କାର : ଗୁମ୍ଫା ଭିତରେ ରହିଛି ଏହି ରେଷ୍ଟୁରାଣ୍ଟ



ଦକ୍ଷିଣ ଇରାକର ପ୍ରାୟ ୫ ହଜାର ବର୍ଷ ପୁରୁଣା ଏକ ପବ୍ ରେଷ୍ଟୁରାଣ୍ଟ ଆବିଷ୍କାର ହୋଇଛି । ସେହି ରେଷ୍ଟୁରାଣ୍ଟଟି ମାଟି ତଳେ ଗୁମ୍ଫା ଭିତରେ ଅବସ୍ଥିତ । ସେହି ସ୍ଥାନରେ ଅନେକ କିଛି ଜିନିଷ ଉଦ୍ଧାର ହୋଇଛି । ପଞ୍ଚ ହଜାର ବର୍ଷ ତଳେ ସହରୀ ଜୀବନ କିଭଳି ଥିଲା ସେ ନେଇ ଆହୁରି ଅନେକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି । ଯୁକ୍ତରାଷ୍ଟ୍ର-ଇଟାଲୀ ଅନୁସନ୍ଧାନୀ ଦଳ ଆଧୁନିକ ସହରର ନାସିରିଆର ଉତ୍ତର-ପୂର୍ବରେ ଥିବା ପ୍ରାଚୀନ ଲାଗାଶର ଏହି ଆବିଷ୍କାର କରିଥିଲେ । ଯାହା ପ୍ରାଚୀନ ଇରାକର ସୁମେରୀୟ ସଭ୍ୟତାର ପ୍ରଥମ ସହରୀ କେନ୍ଦ୍ର ଭାବରେ ପରିଚିତ ଥିଲା ।

**୫ ହଜାର ବର୍ଷ ପୂର୍ବେ ଲୋକେ କିଭଳି ଜୀବନଯାପନ କରୁଥିଲେ:**
ପେନସିଲଭାନିଆ ୟୁନିଭରସିଟି ଏବଂ ପିସା ବିଶ୍ୱବିଦ୍ୟାଳୟର ଏକ ମିଳିତ ଦଳ ଏକ ପ୍ରାଥମିକ ରେଫ୍ରିଜରେଜେସନ୍ ସିଷ୍ଟମ ସାହାଯ୍ୟରେ ଏହି ଧ୍ୱଂସାବଶେଷ ଉଦ୍ଧାର କରାଯାଇଛି । ଯେଉଁଠାରେ ଏକ ବଡ଼ ଚୁଲି, ଖାଇବା ପାଇଁ ବେଞ୍ଚ ଏବଂ ପ୍ରାୟ ୧୫୦ ଟି ପରିବେଷଣକାରୀ ପାତ୍ର ବା ପ୍ଲେଟ୍ ଉଦ୍ଧାର ହୋଇଛି । ପାତ୍ରରେ ମାଛ ଏବଂ ପଶୁଙ୍କ ହାଡ ମଧ ମିଳିଥିଲ, ଏବଂ ସୁମରୀୟମାନେ ବିୟର ପିଇବାର ପ୍ରମାଣ ମିଳିଛି ।

**ଗୁମ୍ଫାରୁ ବାହାରିଥିଲା ଏହି ଜିନିଷ:**
ସେହି ସ୍ଥାନରୁ ଏକ ରେଫ୍ରିଜରେଟର ଏବଂ ବହୁତଗୁଡାଏ ବାସନ, ବେଞ୍ଚ ମିଳିଛି । ବେଞ୍ଚ ବସିବା ପାଇଁ ଏବଂ ରେଫ୍ରିଜରେଟର ପଛରେ ଏକ ଚୁଲି ଅଛି ଯାହା ରୋଷେଇ ପାଇଁ ବ୍ୟବହୃତ ହେଉଥିଲା ବୋଲି ଅନୁମାନ କରାଯାଉଛି । ବିୟର ସେଠାକର ଲୋକଙ୍କ ପାଇଁ ଅତି ସାଧାରଣ ଥିଲା, ଯାହା ପାଣି ଠାରୁ ଅଧିକ ବ୍ୟବହାର କରାଯାଉଥିଲା ।
ସେତେବେଳେ ସେଠାକାର ବାସିନ୍ଦାମାନେ କୃଷି, ପଶୁପାଳନ, ମତ୍ସ୍ୟଚାଷ ଉପରେ ନିର୍ଭର କରୁଥିଲେ ଏବଂ ଆମଦାନି-ରପ୍ତାନୀ ମଧ କରୁଥିଲେ । ପ୍ରତ୍ନତତ୍ତ୍ୱବିତ୍ ନିର୍ଦ୍ଦେଶକ ପିଟମ୍ୟାନ କହିଛନ୍ତି ଯେ ପ୍ରଥମ, ସହରଗୁଡିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଖ୍ରୀଷ୍ଟପୂର୍ବ ୨୭୦୦ ମସିହାରେ ପବ୍ ରେଷ୍ଟୁରାଣ୍ଟ ଖୋଲାଯାଇଥିଲା । ଆହୁରି ଅନେକ ତଥ୍ୟ ପାଇବା ଆଶାରେ ପ୍ରତ୍ନତତ୍ତ୍ୱବିତ୍ ମାନେ ଅନୁସନ୍ଧାନ ଜାରି ରଖିଛନ୍ତି ।

# ଏହି ଭିଟାମିନ୍ କମିଲେ ଆପଣ ହୋଇଯିବେ ଅନ୍ଧ ! ଆଗରୁ ହୁଅ ସାବଧାନ୍



ଆମ ଶରୀରରେ ଥିବା ପ୍ରତ୍ୟେକ ପୋଷକ ତତ୍ତ୍ୱର ନିଜସ୍ୱ କିଛି ଗୁରୁତ୍ୱ ରହିଛି । ଯଦି ଆମେ ଆମର ଦୃଷ୍ଟି ଶକ୍ତିକୁ ସୁସ୍ଥ ରଖିବାକୁ ଚାହିଁବା, ତେବେ ଆମକୁ ଭିଟାମିନ୍ 'ଏ' ଖାଦ୍ୟ ଖାଇବାକୁ ପଡିବ, ଯାହାକି ସାଧାରଣତଃ ନାଲି, ହଳଦିଆ ଏବଂ କିଛି ସବୁଜ ଫଳ ଏବଂ ପନିପରିବାରେ ପ୍ରଚୁର ପରିମାଣରେ ମିଳିଥାଏ । ଜିଏମ୍ଏସ୍ ହସ୍ପିଟାଲ୍, ଗ୍ରେଟର ନୋଏଡାରେ କାର୍ଯ୍ୟ କରୁଥିବା ଜଣେ ପ୍ରସିଦ୍ଧ ଡାଏଟିସିଆନ୍ ଡାକ୍ତର ଆୟୁଷୀ ଯାଦବ ସ୍ପଷ୍ଟ କରିଛନ୍ତି ଯେ, ଆମ ଶରୀର ପାଇଁ ଭିଟାମିନ୍ 'ଏ' କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ କେଉଁ ଖାଦ୍ୟ ମାଧ୍ୟମରେ ଆମେ ଏହି ପୁଷ୍ଟିକର ଖାଦ୍ୟ ପାଇପାରିବା ।

**ଆମକୁ କେତେ ଭିଟାମିନ୍ 'ଏ' ଆବଶ୍ୟକ ?:**
ଭିଟାମିନ୍ ଡି ପରି ଆମକୁ ସୂର୍ଯ୍ୟ କିରଣ ମାଧ୍ୟମରେ ଭିଟାମିନ୍ 'ଏ' ମିଳିନାହିଁ, ଅର୍ଥାତ୍ ଖାଦ୍ୟରୁ ଆମକୁ ଏହି ପୁଷ୍ଟିକର ଖାଦ୍ୟ ଆହସ କରିବା ଆବଶ୍ୟକ । ଭିଟାମିନ୍ 'ଏ' ଅଭାବରୁ ରକ୍ଷା ପାଇବା ପାଇଁ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ହାରାହାରି ୭୦୦ ରୁ ୯୦୦ ମାଇକ୍ରୋଗ୍ରାମ୍ (ଏମସିଜି) ଭିଟାମିନ୍ ଏ ଆବଶ୍ୟକ କରିଥାନ୍ତି ।ଆଖି ପାଇଁ ଭିଟାମିନ୍ 'ଏ' ଅତ୍ୟନ୍ତ ଜରୁରୀ :-
ଏହି ପୋଷକ ତତ୍ତ୍ୱର ଅଭାବ ହେଲେ ବଣିଷ ଦୃଷ୍ଟିହୀନତାର ଶିକାର ହୁଏ । ଏହା ଫଳରେ ବ୍ୟକ୍ତିଙ୍କୁ ରାତିରେ କିଛି ଦୃଶ୍ୟ ହୋଇନଥାଏ ବା ଧୂଆଁ ଧୂଆଁ ଦେଖାଯାଏ ।

**ଏହି ଖାଦ୍ୟରୁ ଭିଟାମିନ୍ 'ଏ' ମିଳିବ :-**
ଡାଏଟିସିଆନ୍ ଡାକ୍ତର ଆୟୁଷୀ ଯାଦବଙ୍କ କହିବାନୁସାରେ, ଆମେ ଏପରି ଖାଦ୍ୟ ଖାଇବା ଉଚିତ୍ ଯାହାଦ୍ୱାରା ଆମର ଦୈନନ୍ଦିନ ଆବଶ୍ୟକତା ଅନୁଯାୟୀ ଭିଟାମିନ୍ 'ଏ' ର ଆବଶ୍ୟକତା ପୂରଣ ହେବ ।

# ଦୈନିକ ସକାଳେ ଖାଆନ୍ତୁ ଗୋଟାଏ ପାଚିଲା କଦଳୀ: ଶରୀର ପାଇଁ ଭଲ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପା ଦୂରେଇ ଯାଇଥାଏ । ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍ସ । କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ । ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ । ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ । ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ ।

ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ । ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ । ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ । ସକାଳ ଖାଇବାରେ କଦଳୀ ସାମିଲ୍ କଲେ ଖୁବ୍ ଭଲ । କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି । ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ ।

ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ । ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ । କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ । ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ । ନଡ଼ିଆ ବି ଖୁବ୍ ଉପକାରୀ ଫଳ । ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ । ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ ।



# କେଶକୁ କଳା କରିବ ଏହି ପତ୍ର



ଅଳ୍ପ ବୟସରେ ମୁଣ୍ଡରେ ଧଳା କେଶ ପାଇବା ଏକ ସାଧାରଣ କଥା ହୋଇଗଲାଣି, କିନ୍ତୁ ଏହି କାରଣରୁ ଯୁବ ପିଢ଼ି ମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି ହେଉଛି । ଧଳା କେଶ ସେମାନଙ୍କ ପାଇଁ ଲଜ୍ଜାଜନକ ଏବଂ କମ୍ ଆତ୍ମବିଶ୍ୱାସର ଉତ୍ସ ହୋଇଯାଏ । ଏଥିରୁ ମୁକ୍ତି ପାଇବା ପାଇଁ ଯଦି ଆପଣ ରାସାୟନିକ ସମୃଦ୍ଧ କେଶ ରଙ୍ଗ ବ୍ୟବହାର କରନ୍ତି, ତେବେ କେଶ ଶୁଷ୍କତା ହୋଇପାରେ, ଏପରି ପରିସ୍ଥିତିରେ, ଆପଣ ଏକ ବିଶେଷ ଜିନିଷ ବ୍ୟବହାର କରିପାରିବେ, ଯାହାର ପ୍ରଭାବ କିଛି ଦିନ ମଧ୍ୟରେ ଦେଖାଯିବା ଆରମ୍ଭ କରିବ ।
ଯଦି ଆପଣଙ୍କର କେଶ ମଧ ୨୫ ରୁ ୩୦ ବର୍ଷ ବୟସରେ ପାଚିବା ଆରମ୍ଭ କରିଛି, ତେବେ ଏଥିପାଇଁ ତେନ୍ତୁଳି ଗଛର ପତ୍ର ବ୍ୟବହାର କରାଯାଇପାରିବ । ଏଥିରେ ପ୍ରଚୁର ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ । ଏଗୁଡ଼ିକ କେବଳ କେଶକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ନାହିଁ, ବରଂ ଏହା ଶରୀର ସହ ଜଡିତ ଅନେକ ସମସ୍ୟାକୁ ମଧ ଦୂର କରିଥାଏ । କେଶକୁ ଏହା ଆଣ୍ଟି-ଡାଣ୍ଡ୍ରଫ୍ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣକୁ ଏହା ନଷ୍ଟ କରିଦିଏ ।
ଉତ୍ତମ କେଶ ସ୍ୱାସ୍ଥ୍ୟ ପାଇଁ, ଆପଣ ତେନ୍ତୁଳି ପତ୍ରର ଏକ ହେୟାର ପ୍ୟାକ୍ ପ୍ରସ୍ତୁତ କରିପାରିବେ, କିମ୍ବା ଏହାର ସାହାଯ୍ୟରେ ହେୟାର ସ୍ପ୍ରେ ମଧ ପ୍ରସ୍ତୁତ କରାଯାଇପାରିବେ ।
୧. ସ୍ପ୍ରେ ପ୍ରସ୍ତୁତ କରିବାକୁ, ସର୍ବପ୍ରଥମେ ଏକ ପାତ୍ରରେ୫ କପ୍ ପାଣି ନେଇ ସେଥିରେ ଅଧା କପ୍ ତେନ୍ତୁଳି ପତ୍ର ମିଶାନ୍ତୁ । ବର୍ତ୍ତମାନ ଏହାକୁ ଫୁଟାନ୍ତୁ ଏବଂ ତା'ପରେ ଥଣ୍ଡା ହେବା ପାଇଁ ଅପେକ୍ଷା କରନ୍ତୁ ଏବଂ ଶେଷରେ କେଶରେ ଛିଞ୍ଚିବା ପରେ ଏହାକୁ କିଛି ସମୟ ପରିଷ୍କାର ପାଣିରେ ଧୋଇ ଦିଅନ୍ତୁ ।
୨. ତେନ୍ତୁଳି ପତ୍ରର ହେୟାର ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ, ଗ୍ରାଇଣ୍ଡରରେ କିଛି ପତ୍ରକୁ ଦହି ସହିତ ଗ୍ରାଇଣ୍ଡ୍ କରନ୍ତୁ, ଯେତେବେଳେ ପେଷ୍ଟ ପ୍ରସ୍ତୁତ ହୋଇଯିବ, ଧୀରେ ଧୀରେ ଏହାକୁ କେଶରେ ମାଲିସ କରନ୍ତୁ । ଏହା ଶୁଖିଯିବା ପରେ ମୁଣ୍ଡକୁ ସଫା ପାଣିରେ ଧୋଇ ଦିଅନ୍ତୁ ।
ପ୍ରାକୃତିକ କେଶର ରଙ୍ଗକାରୀ ଏଜେଣ୍ଟଗୁଡିକ ତେନ୍ତୁଳି ପାତ୍ରରେ ମିଳିଥାଏ, ଏହାକୁ କିଛି ସପ୍ତାହ ବ୍ୟବହାର କରିବା ଦ୍ୱାରା କେବଳ ଧଳା କେଶ କଳା ହୋଇଯାଏ ନାହିଁ, ବରଂ କେଶ ଝଡ଼ିବା, କେଶରେ ଶୁଷ୍କତା, ଦୁର୍ବଳ କେଶ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।


## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା"

ଆମ ରାଜ୍ୟ ଓଡ଼ିଶାରେ ୫୯୩୪୩ ହେକ୍ଟର ପରିମିତ ପ୍ରାୟ ୬୪୦୦୦ ଗ୍ରାମ ପଞ୍ଚାୟତ ପୋଖରୀ ଅଛି । ଏଥିରୁ ଅଧିକାଂଶ ପୋଖରୀ ଅବ୍ୟବହୃତ ହୋଇ ରହିଛି । ୨୦୧୮ ମସିହାରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏକ ନୀତି ନିର୍ଦ୍ଧାରଣ କରାଯାଇ ପଞ୍ଚାୟତ ପୋଖରୀ ଗୁଡ଼ିକୁ ମାଛ ଚାଷ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଦୀର୍ଘମିଆଦି (୩ ରୁ ୫ ବର୍ଷ) ସୂତ୍ରରେ ଲିଜ ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏହାପରେ ୨୦୧୮-୧୯ ରୁ ମିଶନଶକ୍ତି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଓ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା" ନାମରେ ଏକ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି ।



**ଯୋଜନାର ଲକ୍ଷ:**
ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଏହା ଆର୍ଥିକ ସ୍ୱାବଲମ୍ବୀର ସୁଯୋଗ ସୃଷ୍ଟି କରିବ । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ହେବା ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂରୀକରଣ ଓ ସାଧାରଣରେ ମାଛ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବ ।

**ଯୋଜନାର କାର୍ଯ୍ୟକାରିତା:**
ଏହି କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ମିଶନ ଶକ୍ତି ଅଧିନ ପ୍ରାୟ ୬୦୦୦ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ୨୦୨୧-୨୨ ରୁ ୨୦୨୩-୨୪ ମଧ୍ୟରେ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯିବ । ପଞ୍ଚାୟତ ପୋଖରୀକୁ ଚିହ୍ନଟ କରାଯାଇ ମହିଳା ଗୋଷ୍ଠୀମାନଙ୍କୁ ଦୀର୍ଘମିଆଦି ସୂତ୍ରରେ ଲିଜ ପ୍ରଦାନ କରାଯିବ । ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମାଛଚାଷ ନିମନ୍ତେ ନିୟମିତ ବୈଷୟିକ ପରାମର୍ଶ ପ୍ରଦାନର ବ୍ୟବସ୍ଥା କରାଯାଇଛି । ମାଛଚାଷ ପାଇଁ ଆବଶ୍ୟକ ଉନ୍ନତ ଯାଆଁଳ, ମାଛଖାଦ୍ୟ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବାବଦରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ଟ.୧,୫୦,୦୦୦/- ଉପରେ ୬୦ ପ୍ରତିଶତ ଅର୍ଥାତ ହେକ୍ଟର ପ୍ରତି ସର୍ବାଧିକ ଟ୯୦,୦୦୦/- ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି ।

**ମାଛ ଚାଷ ପାଇଁ ମିଳୁଥିବା ସହାୟତା (୧ ହେକ୍ଟର ପରିମିତ ପୋଖରୀ ପାଇଁ)**

| ପ୍ରକଳ୍ପର ନାମ | ୟୁନିଟ୍ | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ମହିଳା ଗୋଷ୍ଠୀଙ୍କ ସହଯୋଗ (ଟଙ୍କାରେ) | ସରକାରୀ ରିହାତି (ଟଙ୍କାରେ) | ମୋଟ ମୂଲ୍ୟ ଟଙ୍କାରେ |
|---|---|---|---|---|---|
| ପୋଖରୀ ହୁଡ଼ା ମରାମତି ଦଳ ନିରାକରଣ ଓ ଅନ୍ୟାନ୍ୟ | - | - | ୫,୦୦୦ | - | ୫,୦୦୦ |
| ଜଳ ପରିଚାଳନା, ଚୂନ ଓ ସାର ଇତ୍ୟାଦି | - | - | ୫,୦୦୦ | - | ୫,୦୦୦ |
| ବଡ଼ ଅଙ୍ଗୁଳିକା ଯାଆଁଳ | ୨୭୦୦ ଗୋଟି | ୧୨.୫୦ | - | ୩୩,୭୫୦ | ୩୩,୭୫୦ |
| ମହୁରାଳି/ଚିଙ୍ଗୁଡ଼ି/ ଅନ୍ୟ ଛୋଟ କାର୍ପ ମାଛ ଯାଆଁଳ | ୨୫ କି.ଗ୍ରା. | ୪୦୦.୦୦ | - | ୧୦,୦୦୦ | ୧୦,୦୦୦ |
| ମାଛ ଖାଦ୍ୟ | ୨୭୦୦ କି.ଗ୍ରା. | ୩୨.୦୦ | ୪୦,୧୫୦ | ୪୬,୨୫୦ | ୮୬,୪୦୦ |
| ଫାର୍ମ ମଜୁରୀ ଓ ଅମଳ ଖର୍ଚ୍ଚ | - | - | ୯,୮୫୦ | | ୯,୮୫୦ |
| ମୋଟ ମାଛଚାଷ ଖର୍ଚ୍ଚ | - | - | ୬୦,୦୦୦ | ୯୦,୦୦୦ | ୧,୫୦,୦୦୦ |

ଗାଁ ପୋଖରୀରେ ମାଛ ଚାଷ, ମହିଳାଙ୍କୁ କରିବ ସଶକ୍ତ ।

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟରେ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର


# ସଫା ରହିବ

ଗୃହିଣୀମାନଙ୍କ ପାଇଁ ଘରେ ରୋଷେଇ କରିବା ବାଦ୍ ରୋଷେଇଘର ସମେତ ଘର ସଫା ରଖିବା ଏକ ବଡ଼ ଦାୟିତ୍ୱ । ଏଥିପାଇଁ କୋଡେଟି ଟିପ୍ସ ମନେରଖନ୍ତୁ-

ଫ୍ରିଜ୍ ଦୁର୍ଗନ୍ଧମୁକ୍ତ ରଖିବା ଲାଗି ଏକ ଚଉଡ଼ାମୁହଁ ଥିବା ଡବାରେ ଖାଇବା ସୋଡା ରଖି ଡବା ମୁହଁରେ ପତଳା ସୂତା କପଡ଼ା ବାନ୍ଧି ଦିଅନ୍ତୁ । ସେଥିରେ ଛୋଟଛୋଟ କଣା କରିଦେଲେ ସୋଡ଼ା ବାସ୍ନାରେ ଫ୍ରିଜ୍ ଦୁର୍ଗନ୍ଧମୁକ୍ତ ହେବ ଏବଂ ଅସରପା ବି ହେବେ ନାହିଁ ।

ଷ୍ଟିଲ ବାସନରୁ ଦାଗ ଦୂର କରିବା ଲାଗି ପିଆଜ ରସରେ ସିର୍କା ମିଶାଇ ସଫା କରନ୍ତୁ । ଦାଗ ଦୂର ହୋଇଯିବ ।

କ୍ରକେରୀ ସଫା କରିବା ଲାଗି ସାବୁନରେ ଅଳ୍ପ ଗୁଣ୍ଡ ଲୁଣ ମିଶାଇ ଦିଅନ୍ତୁ । ଏହା ଚକ୍‌ଚକ୍ କରିବ ।

ପ୍ରାୟତଃ ଆମେ ଫାଳେ ଲେମ୍ବୁ ବ୍ୟବହାର କରି ଆଉ ଫାଳେ ରଖିଦେଉ । ବଳକା ଅଧାରେ କିଛି ଲୁଣ ଘଷି ରଖିଦେଲେ ଏହା ସହଜରେ ଖରାପ ହୁଏ ନାହିଁ ।

ଫ୍ଲାସ୍କ, ସଫା କରିବା ଲାଗି ସେଥିରେ ପାଣି ଭର୍ତ୍ତି କରି ପୁରୁଣା ଖବରକାଗଜ ଛୋଟଛୋଟ ଖଣ୍ଡ ରଖି ରାତିସାରା ରଖିଦିଅନ୍ତୁ । ସକାଳେ ଧୋଇଦେଲେ ଏହା ସଫା ହୋଇଯିବ ।

# ଘରେ ପଡି ରହିଥିବା ପୁରୁଣା ମୋବାଇଲ ସହ ଏସବୁ ଇଲେକ୍ଟ୍ରୋନିକ୍ ଉପକରଣରେ ଅଛି ସୁନା

ଆପଣ ଜାଣିଥିବେ ଯେ ଆଲୁମିନିୟମ, ତମ୍ବା ଅପେକ୍ଷା ସୁନା ବିଦ୍ୟୁତର ଏକ ଉତ୍ତମ ପରିବାହୀ । ତେଣୁ ଅନେକ ଇଲେକ୍ଟ୍ରୋନିକ୍ ଉପକରଣରେ ସୁନା ମଧ ବ୍ୟବହୃତ ହୁଏ । ମୋବାଇଲ୍ ଫୋନ ସହ ଆମର କିଛି ନିତ୍ୟ ବ୍ୟବହାର୍ଯ୍ୟ ଉପକରଣରେ ସୁନା ମଧ ବ୍ୟବହୃତ ହୁଏ । ଆଜି ଆମେ ଆପଣଙ୍କୁ କହିବୁ ଯେ କେଉଁ ସବୁ ବୈଦ୍ୟୁତିକ ଉପକରଣରେ ମୁଖ୍ୟତଃ ସୁନା ବ୍ୟବହାର କରାଯାଇଥାଏ ।
ମୋବାଇଲ୍ ଫୋନ୍ ଏବଂ ଟାବଲେଟ୍: ପ୍ରତ୍ୟେକ ମୋବାଇଲ୍ ଫୋନର ସର୍କିଟ ବୋର୍ଡରେ ସୁନା ବ୍ୟବହୃତ ହୁଏ । ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ୩୫ ରୁ ୪୦ଟି ମୋବାଇଲ୍ ଫୋନରୁ ସୁନା ସଂଗ୍ରହ ପାଇଁ ଉଦ୍ୟମ କରାଯାଏ, ତେବେ ଏହି ପୁରୁଣା ଫୋନରୁ ଗୋଟିଏ ଗ୍ରାମ ସୁନା ମିଳିପାରିବ ।
କମ୍ପ୍ୟୁଟର ଏବଂ ଟିଭି: ସୁନା କମ୍ପ୍ୟୁଟରର ସିପିୟୁରେ ମଧ ବ୍ୟବହୃତ ହୁଏ । ଏହା ସର୍କିଟ ବୋର୍ଡ, ଟ୍ରାନ୍ସମିଟର ଏବଂ ପିନରେ ବ୍ୟବହୃତ ହୁଏ । କମ୍ପ୍ୟୁଟରରେ ବ୍ୟବହୃତ ଇଣ୍ଟେଲ, ଆଇବିଏମ୍, ସନ୍, ଏଚପି ଇତ୍ୟାଦି ପ୍ରୋସେସିଂ ଚିପରେ ସୁନା ମଧ ବ୍ୟବହୃତ ହୁଏ । ଏହା ସହିତ ଟେଲିଭିଜନ ଏବଂ କମ୍ପ୍ୟୁଟର ମନିଟର ପାଇଁ ସର୍କିଟ ବୋର୍ଡ ତିଆରି କରିବା ପାଇଁ ସୁନା ବ୍ୟବହୃତ ହୁଏ ।
ରିମୋଟ୍ କଣ୍ଟ୍ରୋଲ୍: ପ୍ରତ୍ୟେକ ପ୍ରକାରର ଇଲେକ୍ଟ୍ରୋନିକ୍ ରିମୋଟ୍ କଣ୍ଟ୍ରୋଲରେ ସୁନା ଅଛି । ରିମୋଟ ଭିତରେ ଥିବା ପ୍ଲାଷ୍ଟିକ ଉପରେ ମୁଦ୍ରିତ ସର୍କିଟ ବୋର୍ଡରେ ସୁନା ବ୍ୟବହୃତ ହୁଏ ।
ପୁରୁଣା ଷ୍ଟେରିଓ ସିଷ୍ଟମ୍: ୧୯୮୦ ଦଶକରେ ଷ୍ଟେରିଓ ସିଷ୍ଟମ୍ ପ୍ରଚଳିତ ଥିଲା । ସେଥିରେ ବହୁ ପରିମାଣର ସୁନା ରହିଥିଲା । ଆଜିକାଲି ଷ୍ଟେରିଓ ସିଷ୍ଟମରେ ବହୁତ କମ୍ ସୁନା ବ୍ୟବହାର କରାଯାଉଛି ।
ପୁରୁଣା ସର୍ଟୱେଭ୍ ରେଡିଓ: ଯଦିଓ ଆଜିକାଲି ପୁରୁଣା ରେଡିଓ ଦେଖିବାକୁ ମିଳୁନାହିଁ, କିନ୍ତୁ ସେଗୁଡ଼ିକରେ ମଧ ସୁନା ଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।


## ନିବେଶକଙ୍କ ସ୍ୱାର୍ଥ ...

ସଂସଦରେ କିଛିକାଳ ନିର୍ଦ୍ଦିଷ୍ଟ ଶିଳ୍ପ ଗୋଷ୍ଠୀ ମାମଲା ନେଇ ତୁମୂଳ ଝଡ଼ ସୃଷ୍ଟି ହୋଇଥିଲା। କେଉଁ ଉପାୟ କରି ଆଦାନି ଗ୍ରୁପ୍ ଶୀର୍ଷ ଶିଳ୍ପପତିର ମାନ୍ୟତା ପାଇପାରିଲେ, ତାହା ଉପରେ ବିବାଦର ଝଡ଼ ସୃଷ୍ଟି ହୋଇଥିଲା। ଉଭୟ ଗୃହରେ ପ୍ରତିପକ୍ଷ ସରକାରଙ୍କୁ ଅକଳର ପକାଇଥିବା ଦେଖାଯାଇଥିଲା। ଗୌତମ ଆଦାନିଙ୍କ ଶିଳ୍ପ ଗୋଷ୍ଠୀ ଏଭଳି କ'ଣ କଲେ, ଯାହାକି ତାଙ୍କୁ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଲା, ତାହା ଜାଣିବା ସକାଶେ ସରକାର ବିଶେଷଜ୍ଞ କମିଟି ଗଠନ କରିବାକୁ ରାଜି ହୋଇଛନ୍ତି। ବିରୋଧୀ ପକ୍ଷ ପ୍ରାରମ୍ଭରୁ ଯୁଗ୍ମ ସଂସଦୀୟ କମିଟି ଗଠନ ଲାଗି ଦାବି ଉଠାଇଥିଲେ। କିନ୍ତୁ ସରକାରଙ୍କ ନିଷ୍ପତ୍ତି ଭିନ୍ନ ପ୍ରକାର ହେଲା। ଆଦାନି ଗ୍ରୁପ୍-ହିଣ୍ଡେନ୍‌ବର୍ଗ ମାମଲା ଉପରେ କଥ୍ୟ ବିଶେଷଜ୍ଞ କମିଟି ଅନୁଧ୍ୟାନ ପରେ କ'ଣ ରିପୋର୍ଟ ଦେବ, ତାହା ଭିନ୍ନ କଥା। ଯେଉଁ ନିବେଶକାରୀ କମ୍ପାନିର ପ୍ରଦର୍ଶନ ଆଧାରରେ ଲକ୍ଷ ଲକ୍ଷ ଟଙ୍କାର ପୁଞ୍ଜି ଖଟାଇଥିଲେ, ସେମାନେ ପରିବର୍ତ୍ତିତ ସ୍ଥିତିରେ ମୁଣ୍ଡରେ ହାତଦେଇ ବସିଛନ୍ତି। ସେମାନଙ୍କର ଆର୍ଥିକ ଅବସ୍ଥା ନେଇ ସରକାର ଓ ପ୍ରତିଭୂତି ବିନିମୟ ବୋର୍ଡ୍(ସେବି)ର ଭୂମିକା କ'ଣ ହେବ, ତାହା ଚିନ୍ତାର ବିଷୟ ହୋଇଛି। ଶିଳ୍ପପତିମାନଙ୍କର ତାଲିକାରେ ଏହା ପୂର୍ବରୁ ଅମ୍ବାନି ଗୋଷ୍ଠୀ ଯେଉଁ ସ୍ଥିତିରେ ଥିଲା, ତାହାକୁ ପଛରେ ପକାଇ ଆଦାନି ଗୋଷ୍ଠୀ ଉପରକୁ ଉଠିଥିଲେ। କୁହାଯାଉଛି କି, ତାଙ୍କର ସଫଳ ପ୍ରଦର୍ଶନ ପଛରେ ଶାସକ ଦଳର ପୃଷ୍ଠପୋଷକତା କାର୍ଯ୍ୟ କରୁଥିଲା। ହିନ୍‌ଡେନବର୍ଗ ଦେଇଥିବା ରିପୋର୍ଟ ଏନେଇ ବଡ଼ଧରଣର ଖୁଲାସା କରିଥିବା ହେତୁ ତାହା ସମାଲୋଚକମାନଙ୍କୁ ତର୍କ ପାଇଁ ଖୋରାକ ଯୋଗାଇ ଦେଇଥିଲା। ସଂସଦୀୟ କମିଟି ଗଠନ ହୋଇଥିଲେ, ଯେଉଁ ସ୍ୱଚ୍ଛତା ରକ୍ଷା ସମ୍ଭବ ହୋଇଥାନ୍ତା, ତାହା ବିଶେଷଜ୍ଞ କମିଟି ଦ୍ୱାରା କେତେଦୂର ସମ୍ଭବ, ତାହା ହଠାତ୍ କୁହାଯାଇପାରୁନାହିଁ। ବିବାଦୀୟ ମାମଲା ସୁପ୍ରିମ କୋର୍ଟରେ ରଖାଯାଇଛି ଜନହିତ ମାମଲା ଜରିଆରେ। ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟରେ ସିଲ୍ ମୁଦ ଲଫାପାରେ କମିଟି ସଦସ୍ୟମାନଙ୍କର ନାମ ପ୍ରଦାନ କରିବେ ଏବଂ ତାହା ପରବର୍ତ୍ତୀ ଶୁଣାଣି ସମୟରେ ଜଣାଯିବ ବୋଲି କହିଛନ୍ତି। ମାମଲାର ବିଚାରଣା ସୁପ୍ରିମ କୋର୍ଟ ଖଣ୍ଡପୀଠ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ହୋଇସାରିଛି। ସେଣ୍ଟ୍ରେ କୁହାଯାଇଥିଲା ଯେ, ପୂରା ତଥ୍ୟ ସହ ଆଦାନି ଗ୍ରୁପ୍‌ର କାର୍ଯ୍ୟାବଳୀ ନେଇ ରିପୋର୍ଟ ଦାଖଲ ହେବା ଦରକାର। ଅଂଶଧନ କାରବାରରେ କିଭଳି ପ୍ରତିକୂଳ ପ୍ରଭାବ ହୋଇଛି ଏବଂ କ'ଣ ପାଇଁ ଆଦାନ ଗୋଷ୍ଠୀ ଦାୟୀ, ତାହାର ତର୍ଜମା ଆବଶ୍ୟକ। ହିଣ୍ଡେନବର୍ଗ ରିପୋର୍ଟ ଯୋଗୁଁ ଦେଶର ଛବି ବିଗିଡ଼ିଯାଇଛି ବୋଲି ଦର୍ଶାଯାଇଥବାରୁ ଅର୍ଥବ୍ୟବସ୍ଥା ନେଇ ଚିନ୍ତା ପ୍ରକଟ କରାଯାଇଛି। ଏହା ସତ୍ୟ ଯେ, ଗଣମାଧମରେ ହିନ୍‌ଡେନବର୍ଗ ରିପୋର୍ଟ ପ୍ରଘଟ ହେବା ପରେ ନିବେଶକ ମହଲରେ ବଡ଼ଧରଣର ହଇଚଇ ସୃଷ୍ଟି ହେଲା। ଆଦାନ ଗୋଷ୍ଠୀର ସେୟାର ମୂଲ୍ୟ ହଠାତ୍ ହ୍ରାସ ପାଇବା କାରଣରୁ ନିରାଶ ହେଲେ ଅଂଶଧାରକମାନେ। କେହି କେହି ସେୟାର ବିକ୍ରି କରିଦେଲେ ଏବଂ ଫଟକା ବଜାର ସୃଷ୍ଟି ପାଇଁ ଗୌତମ ଆଦାନିଙ୍କୁ ଦାୟୀ କଲେ। ଜାହାଜ ବନ୍ଦର, ବିମାନ ବନ୍ଦର, ତୈଳ ଟର୍ମିନାଲ ଠାରୁ ଆରମ୍ଭ କରି ଖାଇବା ତେଲ ଓ ଯାନବାହନରେ ବ୍ୟବହୃତ ଇନ୍ଧନ ପର୍ଯ୍ୟନ୍ତ ସମସ୍ତ କାରବାରରେ ଆଦାନୀ ଗୋଷ୍ଠୀର ଅଖଣ୍ଡ ପ୍ରାଧାନ୍ୟ ଥିଲା। ହିଣ୍ଡେନବର୍ଗ ରିପୋର୍ଟ ଫଟକା ବଜାର ସୃଷ୍ଟି ପାଇଁ କିଭଳି ଗୋଷ୍ଠୀକୁ ଦାୟୀ କରିବା ଭଳି ରିପୋର୍ଟ ଦେଇଛି,

ଦୃଷ୍ଟି ଦେବା ଆବଶ୍ୟକ। ପୁଞ୍ଜି ନିବେଶ କରି ରାତାରାତି ଧନୀ ହୋଇଯିବାର ନିଶାରେ ମସଗୁଲ ବ୍ୟକ୍ତିଙ୍କ ପ୍ରସଙ୍ଗ ଭିନ୍ନ। କିନ୍ତୁ ସଂଚିତ ଧନ ସେୟାର ମାର୍କେଟରେ ଖଟାଇ ସେଥିରୁ ଫାଇଦା ପାଇବା ଲାଗି ପ୍ରୟାସ କରୁଥିବା ମହଲକୁ ଏଭଳି ଅଦୃଶ୍ୟ ଆଚରଣ ବସ୍ତିତ ଓ ହତାଶ କରିଥିବ। ବିଗତ ଦିନରେ ହର୍ଷଦ ମେହେଟାଙ୍କ ଭଳି ଧନୀ ଦଲାଲ ସାଧାରଣରେ ଆଦୌ ଧାରଣା ନଥିବା ମହଲରେ ସେୟାର ମାର୍କେଟ ବିଷୟରେ ଜ୍ଞାନ ସଂଚାର କରିଥିଲେ। ସେ ସମୟରେ ଆଗ୍ରହ ନିବେଶକ ମହଲରେ ମାତ୍ରାଧିକ ଉତ୍ସାହ ଦେଖା ଦେଇଥିଲା। ସେହି କ୍ରମରେ ଲକ୍ଷ ଲକ୍ଷ ନିବେଶକ ପୁଞ୍ଜି ଖଟାଇ ଧନୀ ହେଲେ। କେତେବେଳେ ପୁଞ୍ଜି ବଜାର ଉଚ୍ଛୁଳିବାର ଦେଖାଯାଇଛି ତ ଆଉ କେତେବେଳେ ତାହା ପତନମୁଖୀ ହୋଇଛି। କରୋନା ସଂକ୍ରମଣ ସମୟରେ ସେୟାର ମାର୍କେଟରେ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଉତ୍‌ଥାନ-ପତନ ନିର୍ବିଶେଷରେ କୁହାଯାଇପାରିବ ଯେ, ସମୟ ସବୁବେଳେ ସମାନ ରହିବ ନାହିଁ। କିନ୍ତୁ ଧନୀ ଦିନକୁ ଦିନ ଅଧିକ ଧନୀ ହେବେ ଓ ଗରିବ ତଳସ୍ତରକୁ ଖସିବେ। ସେଭଳି ବିଷମ ନୀତି ଚାଲିଥିଲେ ତାହା ଲୋକମାନଙ୍କୁ, ବିଶେଷ କରି କ୍ଷୁଦ୍ର ନିବେଶକ ମହଲକୁ ନିରାଶ କରିବ। ସେଥିପାଇଁ ଉପଚାର ହେବା ଦରକାର ବୋଲି ମତ ପ୍ରକାଶ ପାଇଛି।

## ଧନୀ ଓ ଗରିବଙ୍କ ପାଇଁ ଅଲଗା ବିଶ୍ୱବିଦ୍ୟାଳୟ

**ଗୋପାଳ ମହାପାତ୍ର**



ଏବେ ଭାରତର ବିଶ୍ୱବିଦ୍ୟାଳୟମାନଙ୍କୁ ୟୁରୋପର ବିଖ୍ୟାତ ବିଶ୍ୱବିଦ୍ୟାଳୟ ମାନଙ୍କ ସହ ପ୍ରତିଯୋଗିତା କରିବାକୁ ପଡ଼ିବ। କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମ ଦେଶର ବିଶ୍ୱବିଦ୍ୟାଳୟମାନେ କ'ଣ ପ୍ରତିଯୋଗିତା କରିପାରିବେ ? ଯେତେବେଳେ କେମ୍ବ୍ରିଜ୍, ହାଭାର୍ଡ ଏବଂ ୟେଲ ଭଳି ନାମୀ ବିଶ୍ୱବିଦ୍ୟାଳୟ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସେମାନଙ୍କର କ୍ୟାମ୍ପସ୍ ଖୋଲିବେ ସେତେବେଳେ ସେମାନଙ୍କର ଚମକ ଏବଂ ଏକାଡେମିକ୍ ସ୍ତରର ମୁକାବିଲା ଭାରତୀୟ ବିଶ୍ୱବିଦ୍ୟାଳୟ କରିପାରିବେ ? ୟୁରୋପୀୟ ବିଶ୍ୱବିଦ୍ୟାଳୟମାନେ କ୍ୟାମ୍ପସ୍ ଖୋଲିଲେ ଯେଉଁ ଛାତ୍ରଛାତ୍ରୀ ବା ପିଲାମାନଙ୍କର ବାପା ମା ନିଜ ପିଲାକୁ ବିଦେଶରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପଢ଼ାଇବା ପାଇଁ ଇଚ୍ଛୁକ ସେଇ ପିଲାମାନେ ହିଁ ସେଠାରେ ପଢିପାରିବେ। ଏମିତି ପରିବାର ଯେଉଁମାନେ ପିଲାଙ୍କ ପାଠପଢା ପାଇଁ ଲକ୍ଷଲକ୍ଷ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ସେଭଳି ପରିବାରର ମଧ୍ୟ ଦେଶରେ ଅଭାବ ନାହିଁ। ଏଣୁ ଆମ ଦେଶୀୟ ବିଶ୍ୱବିଦ୍ୟାଳୟରୁ ଏଭଳି ପରିବାରର ପିଲାଙ୍କ ସଂଖ୍ୟା କମିବ ଓ କେବଳ ମଧ୍ୟବର୍ଗ ଓ ନିମ୍ନ-ମଧ୍ୟବର୍ଗ ପରିବାରର ପିଲାମାନେ ହିଁ ପଢ଼ିବେ। ଏହା ଭାରତରେ ହେବାକୁ ଥିବା ସବୁଠାରୁ ଦୁର୍ଭାଗ୍ୟଜନକ ବର୍ଗ ବିଭାଜନ ସୃଷ୍ଟି କରିବ। ଗରୀବ ଏବଂ ଧନୀ ଭିତରେ ଥିବା ଅସାମସ୍ୟ / ଦୂରତା ପୂର୍ବରୁ ଏଭଳି ବିକଟ ରୁପ ନେଇ ନଥିଲା। ଘରୋଇ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏଭଳି ପରିସ୍ଥିତି ପୂର୍ବରୁ ଥିଲା କିନ୍ତୁ ବିଦେଶୀ ବିଶ୍ୱବିଦ୍ୟାଳୟ ଆସିବା ପରେ ସ୍ଥିତି ପୁରା ମାତ୍ରାରେ ଚରମରେ ପହଞ୍ଚିବ।

ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଭାରତରେ ସେମାନଙ୍କର କ୍ୟାମ୍ପସ ବା ପରିସର ଖୋଲିବା ପାଇଁ ଅନୁମତି ଦିଆଯିବା ଦ୍ୱାରା ଏକଥା ସ୍ପଷ୍ଟ ହୋଇଯାଇଛି ଯେ ଭାରତରେ ଶିକ୍ଷା କେବେ ବ୍ୟବସ୍ଥା କେତେ ଉନ୍ନତ ଓ ସୁଦୃଢ। ଏବେ ଦେଶରେ ଥିବା ହଜାରେରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ପାଖାପାଖି ୪୨ ହଜାର କଲେଜରୁ ପାଠପଢି ଉତ୍ତୀର୍ଣ୍ଣ ହେଉଥିବା ଡିଗ୍ରୀଧାରୀ ମାନଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଭଳି ଡିଗ୍ରୀଧାରୀମାନଙ୍କ ମଧ୍ୟରୁ ଅନେକଙ୍କୁ ସାଧାରଣ ଚାକିରୀଟିଏ ମଧ୍ୟ ମିଳି ପାରୁନାହିଁ। ଅନେକେ ମଧ୍ୟ ସାଧାରଣ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେଉନାହାନ୍ତି। ଅର୍ଥ ହେଉଛି ଏମାନଙ୍କର ରୋଜଗାର ଯୋଗ୍ୟତା ଶୂନ୍। ଅପରପକ୍ଷରେ ଘରୋଇ କ୍ଷେତ୍ରରେ ଥିବା ବିଶ୍ୱବିଦ୍ୟାଳୟ ମାନଙ୍କରେ ଓ କଲେଜମାନଙ୍କରେ ଶିକ୍ଷା ମହଙ୍ଗା। ଦେଶର ୧୦ରୁ ୧୫ ପ୍ରତିଶତ ଲୋକଙ୍କ ପିଲା ଏହି ଘରୋଇ କ୍ଷେତ୍ରର ଶିକ୍ଷାନୁଷ୍ଠାନରେ ପଢିବା ପାଇଁ ସକ୍ଷମ। ଏଭଳି ସ୍ଥିତି ବେଳେ ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କର ଅତି ମହଙ୍ଗା ଶିକ୍ଷା ଏବେ ଯୋଡ଼ି ହୋଇଯିବ। କେମ୍ବ୍ରିଜ୍, ହାଭାର୍ଡ, ଅକ୍ସଫୋର୍ଡ ଏବଂ ୟେଲୋ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ବର୍ଷକୁ ଦୁଇ ତିନି ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନିଶ୍ଚୟ। ଦେଶର ଶିକ୍ଷା ବ୍ୟବସ୍ଥାର ଏଭଳି ସ୍ଥିତି ବେଳେ ଆମ ଶିକ୍ଷା ବ୍ୟବସ୍ଥା ବିଶ୍ୱଗୁରୁ ହେବାର ଦାୟିତ୍ୱ ନେବ ବୋଲି କୁହାଯାଉଛି।


ଏକଥା ସତ୍ୟ ବିଶ୍ୱବଜାରରେ ନାମି ଦାମୀ (ଅଧିକ ବେତନରେ) ନିଯୁକ୍ତି ପାଇବା ଭଳି ବ୍ୟକ୍ତି ବିଦେଶୀ ବିଶ୍ୱବିଦ୍ୟାଳୟରୁ ହିଁ ବାହାରିବେ। ଆମ ଦେଶୀୟ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବା ଡିଗ୍ରୀଧାରୀଙ୍କ ଶ୍ରମ ଶସ୍ତା ହୋଇଯିବ। ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଦେଶରେ କ୍ୟାମ୍ପସ୍ ଖୋଲିବା ପାଇଁ ଅନୁମତି ଦିଆଯିବା ଉପରେ ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ ୨୦୨୪ ସୁଦ୍ଧା ୧୮ ଲକ୍ଷ ଛାତ୍ର ବିଦେଶରେ ପଢିବାକୁ ଯିବାରକୁ ଥିବାରୁ ସେମାନେ ଶିକ୍ଷାଲାଭ ପାଇଁ ଆଠ ଆରବ ଡଲାର ଖର୍ଚ୍ଚ କରିବେ। କିନ୍ତୁ ତାର ୩ ଚତୁର୍ଥାଂଶ ଖର୍ଚ୍ଚରେ ସେମାନେ ଭାରତରେ ହେବାକୁ ଥିବା ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢିପାରିବେ। ଏହାଦ୍ୱାରା ପ୍ରତିଭା ପଳାୟନକୁ ମଧ୍ୟ ରୋକାଯାଇପାରିବ। ସରକାରଙ୍କ ଯୁକ୍ତି ମଧ୍ୟ ହାସ୍ୟାସ୍ପଦ। ଅନ୍ୟ ଏକ ଯୁକ୍ତି ହେଉଛି ବିଦେଶୀ ବିଶ୍ୱବିଦ୍ୟାଳୟ ଖୋଲିଲେ ଦେଶର ବିଶ୍ୱବିଦ୍ୟାଳୟମାନେ ପ୍ରତିଯୋଗିତା ପାଇଁ ସେମାନଙ୍କ ସ୍ଥିତିକୁ ସୁଧାରିବେ। କିନ୍ତୁ ସରକାରଙ୍କ ଯୁକ୍ତି ଅନୁସାରେ ଦେଶୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ବାବଦରେ ଅଭିଯୋଗ ଉଠୁଛି ଯେ ସେମାନଙ୍କର ଏକାଡେମିକ ଢାଞ୍ଚା ଉତ୍ସାହୀନ ଅଧାପନ ଏବଂ ପିଲାମାନଙ୍କୁ ଯତ୍ରେକତ୍ରେ ଉତ୍ତୀର୍ଣ୍ଣ କରାଇଦେବା ଭିତରେ ସିମୀତ ହୋଇ ରହିଯାଇଛି। ଅର୍ଥାଭାବରୁ ଅନେକ ପ୍ରତିଭାଙ୍କର ବିକାଶ ହୋଇପାରୁନଥିବା ବେଳେ ପିଏଚ୍‌ଡି ମଧ୍ୟ ବିକ୍ରୀ ହେଉଛି।

ପ୍ରଶ୍ନ ଉଠୁଛି ଯେ ଆମ ଦେଶରେ ଯେତେବେଳେ ବିଶ୍ୱ ବିଦ୍ୟାଳୟ ସବୁ ସ୍ଥାପନ ହେଲା ସେତେବେଳେ ଉଦ୍ଦେଶ୍ୟ କ'ଣ ଥିଲା ? ଏଥିମଧ୍ୟରୁ କିଛି ବିଶ୍ୱବିଦ୍ୟାଳୟକୁ ଭାରତର କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ ଆଖ୍ୟା ଦିଆଯାଉଥିଲା। ତକ୍ଷଶୀଳା, ନାଳନ୍ଦା ଅଥବା ବିକ୍ରମଶୀଳା ଭଳି ପ୍ରାଚୀନକାଳୀନ ବିଶ୍ୱବିଦ୍ୟାଳୟର ପରମ୍ପରାଠାରୁ ଏବେର ବିଶ୍ୱବିଦ୍ୟାଳୟମାନେ ଅନେକଦୂରରେ। ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ଦେଶୀୟ ବିଶ୍ୱବିଦ୍ୟାଳୟମାନଙ୍କୁ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବୋଲି କୁହାଯାଉଥିଲା ସେ ସବୁ ବିଶ୍ୱବିଦ୍ୟାଳୟ ପାଖରେ ୟୁରୋପୀୟ ବିଶ୍ୱବିଦ୍ୟାଳୟମାନେ ତାଙ୍କର କ୍ୟାମ୍ପସ୍ ଖୋଲିବେ। ଡଲାର, ପାଉଣ୍ଡ, ୟୁରୋ ରେ ସେମାନେ ଲାଭ କମେଇବେ ଓ ଫେମା ଆଇନର ସର୍ତ୍ତ ଅନୁସାରେ ନିଜ ଦେଶକୁ ପ୍ରଚୁର ଅର୍ଥ ବୋହିନେବେ। ଆମ ଦେଶର ବିଶ୍ୱବିଦ୍ୟାଳୟ ମାନେ ସେମାନଙ୍କ ପ୍ରଭାବରେ ପ୍ରଭାବହୀନ ହୋଇ ନିମ୍ନ ସ୍ତରରେ ରହିବେ।


ରାମଚନ୍ଦ୍ରପୁର, ରଣପୁର

ମୋ-୯୪୩୮୪୮୫୦୯୪


## ପେଟ୍ରୋଲ୍ ଡିଜେଲରେ ଦର ବୃଦ୍ଧି କାହିଁକି ?



**କାଳି ଦାସ**

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଦୁଇଜଣଙ୍କ ମିଳିତ ଯୋଗଦାନ ଯୋଗୁ ଆଜି ଡିଜେଲ ଓ ପେଟ୍ରୋଲର ଦାମ ଆକାଶ ଚୁଇଁଛି। ଯେତେବେଳେ ପେଟ୍ରୋଲ ଓ ଡିଜେଲର ଦାମ ବଢୁଛି ସଙ୍ଗେ ସଙ୍ଗେ ଆମର ପ୍ରତିଦିନ ର ବ୍ୟବହାର୍ଯ୍ୟ ଜିନିସର ଦର ବଢିଯାଉଛି। ପରିବା ପତ୍ର, ଫଳ, ଓ ରାସନ ସବୁକିଛି ମହଙ୍ଗା ହୋଇଯାଉଛି। କୁହାଯାଉଛି ଯେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟେ ପୁଞ୍ଜିପତିଙ୍କୁ ଲାଭବାନ କରିବା ପାଇଁ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଉପରେ ଆଙ୍କୁଶ ଲଗାଉନାହାନ୍ତି। ବିରୋଧିଙ୍କ କହିବା ଅନୁସାରେ ଭାରତ ସରକାର ଏବଂ ରାଜ୍ୟ ସରକାର ଉଭୟେଙ୍କ ଦ୍ୱାରା ଦୁର୍ନୀତି କରାଯାଉଛି ଯେଉଁଥିପାଇଁ ଆଜି ଭାରତର ସ୍ଥିତି ଉଦବେଗଜନକ। କେନ୍ଦ୍ର ସରକାରଙ୍କ ଏବଂ ରାଜ୍ୟ ସରକାରଙ୍କ ଅଣଦେଖା ଯୋଗୁ ଆଜି ୭୦% ଭରାତର ଲୋକମାନେ ଭଲ ଭାବ ରେ ଖାଇପାରୁନାହାନ୍ତି ଏବଂ କୁପୋଷଣର ଶିକାର ହେଉଛନ୍ତି। କେନ୍ଦ୍ର ସରକାର ପୁଞ୍ଜିପତିଙ୍କ ଲାଭ ପାଇଁ ପେଟ୍ରୋଲ ଓ ଡିଜେଲକୁ ଜିଏସଟିରେ ପଞ୍ଜୀକୃତ କରୁନାହାନ୍ତି। ବିଭିର୍ନ୍ନ ରାଜନୈତିକ ଦଳ ଏବଂ ସାମାଜିକ ଅନୁଷ୍ଠାନ ପେଟ୍ରୋଲ ଡ଼ିଜେଲର ଦର ବୃଦ୍ଧିକୁ ଧରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ରାଜସ୍ୱ ବିଭାଗର ମୁଖ୍ୟାଙ୍କୁ ଦାବି ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ବିରୋଧୀ ଦଳଙ୍କ କହିବା ଅନୁଯାଇ ଯଦି ସରକାର ନିଜ କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ କରିବେ ନାହିଁ ତାହେଲେ ୨୦୨୪ ନିର୍ବାଚନରେ ଭୋଟରଙ୍କୁ ପରିବର୍ତ୍ତନ ପାଇଁ ଚେଷ୍ଟା କରାଯିବ ଏବଂ ସରକାର ଆପେ ଆପେ ପରିବର୍ତ୍ତନ ହେବାପାଇଁ ବାଧ୍ୟ ହେବେ। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ଉପରେ ରୋକ ଲଗାଇବା ପାଇଁ ସରକାରଙ୍କୁ ପେଟ୍ରୋଲ ଏବଂ ଡିଜେଲକୁ ଜିଏସଟିରେ ସାମିଲ କରିବାକୁ ପଡିବ କିନ୍ତୁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେବେ ହେଲେ ଚାହିଁବେନି ପେଟ୍ରୋଲ ଓ ଡିଜେଲ ଜିଏସଟିରେ ସାମିଲ ହେଉ କାରଣ ଉଭୟ ସରକାରଙ୍କୁ ପୁଞ୍ଜିପତିଙ୍କଠାରୁ ନିର୍ବାଚନ ସମୟରେ ଚାନ୍ଦା ନେଇଥାନ୍ତି। ସେଥିପାଇଁ ଉଭେୟ ସରକାର ପେଟ୍ରୋଲ ଏବଂ ଡିଜେଲକୁ ଜିଏସଟିରେ ସାମିଲ କରିବାକୁ ଚାହୁଁନାହାନ୍ତି।

ଦିଲ୍ଲୀର ମୁଖମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜେରିଓ୍ୱାଲ ଗୋଟିଏ ଭାରତୀୟ ଗଣମାଧମକୁ ଉଦାହରଣ ସହିତ କହିଛନ୍ତି କି ପେଟ୍ରୋଲ ଲିଟର ଯଦି ୧୦୦ ଟଙ୍କା ହେଲେ କେନ୍ଦ୍ର ସରକାର ୬୦% ଟିକସ ପକେଇଛନ୍ତି ଏବଂ ରାଜ୍ୟ ସରକାର ୨୦ % ଟିକସ ପକେଇଛନ୍ତି ତାହେଲେ ରାଜ୍ୟ ସରକାରଙ୍କ ଭୁଲ କେଉଁଠି। କେନ୍ଦ୍ର ସରକାର ଯଦି ଟିକସ ଛାଡ କରିବେ ହେଲେ ସାଧାରଣ ଜନତା ଲାଭବାନ ହେବେ।

ବୁଦ୍ଧିଜୀବୀଙ୍କ କହିବା ଅନୁଯାଇ ଭାରତ ସରକାରଙ୍କ ତରଫରୁ ପେଟ୍ରୋଲ ଉତ୍ପାଦନ କରୁଥିବା ଦେଶଙ୍କୁ ଅଧିକ କଞ୍ଚା ତେଲ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିବା କଥା।

ଭାରତର କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ହେବାର ମୁଖ୍ୟ କାରଣ ହେଲା ଇଣ୍ଟରନ୍ୟାସନାଲ ମାର୍କେଟରେ କୃଡ ଅଏଲ ବା କଞ୍ଚା ତେଲର ଦର ବଢିଥିଲା ଏବଂ ପେଟ୍ରୋଲ ସପ୍ଲାଇର ଡିମାଣ୍ଡ କମିଥିଲା ଯେଉଁଥିପାଇଁ ସରକାର ପେଟ୍ରୋଲ ଏବଂ ଡିଜେଲର ଦର ବଢାଇଥିଲେ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## ଅନ୍ଧାରୀ ବିଜେ



**ଅଜୟ କୁମାର ବେହେରା**

ରାଜା ବା ପ୍ରଶାସକ କୌଣସି ଅଘଟଣ କୌଣସି ସ୍ଥାନରେ ହେଲେ ଯଦି ଚର ଯାଇଁ ରାଜା ବା ପ୍ରଶାସନଙ୍କୁ ଖବର ଦିଅନ୍ତି ତେବେ ସେହି ଘଟଣାର ଖବରକୁ ଜଣଙ୍କ ଠାରୁ ଶୁଣି କେବେ ରାଜା ବା ପ୍ରଶାସକ କୌଣସି ପଦକ୍ଷେପ ନିଅନ୍ତିନାହିଁ। ଏପାଇଁ ରାଜା ଉଦ୍ଦିଷ୍ଟ ସ୍ଥାନକୁ ଅନ୍ଧାରୀ ବିଜେ କରିଥାନ୍ତି। ଅନ୍ଧାରୀ ବିଜେର ଅନେକ ପ୍ରକାର ଅର୍ଥ କରାଯାଇପାରେ। ଅନ୍ଧାର ଅର୍ଥାତ୍ ରାତ୍ରୀ ଅବେଳାରେ ଯେଉଁ ସ୍ଥାନକୁ ତଦନ୍ତ ପାଇଁ ଯିବେ ପୂର୍ବରୁ ସେ ଅଞ୍ଚଳ ଲୋକଙ୍କୁ ନଜଣାଇ ନିଜେ ନାଟକୀୟ ଢ଼ାଞ୍ଚାରେ ରୂପ ରେଖ ବଦଳାଇ ମାଗନ୍ତା ଭିକାରୀ ବିକଳାଙ୍ଗ ବିଦେଶୀ ପୋଷାକ ପରିଛଦରେ ପୁଣି ଜନମତ ବୁଝିବା ପାଇଁ ଚାଖଟି ସ୍ଥାନ, ପାନ ଦୋକାନ, ବାରିକ ଦୋକାନ, ଧୋବାଘର, ଗାଧୁଆ ତୁଠ ଆଦିରେ ଲୋକେ ନିଜ ମଧ୍ୟରେ ଘଟିଥିବା ଘଟଣା ବିଷୟରେ କଣ କଥାବାର୍ତ୍ତା ହେଉଛନ୍ତି ତାହା ଶୁଣିବା ପାଇଁ ଗସ୍ତ କରନ୍ତି। ଅନେକ ଚର ଘଟଣା ଘଟିବା ସ୍ତର ପକ୍ଷ ମାନଙ୍କ ଠାରୁ କିଛି ଆଦାୟ କରି ତାକୁ ଭିନ୍ନ ରୂପ ଦେଇ ରାଜକାର୍ଯ୍ୟ ଟାଳଟୁଳରେ ସମାଧାନ କରିପାରନ୍ତି। ପୁଣି ନ୍ୟାୟର ମାର୍ଗକୁ ଭିନ୍ନ ଭିନ୍ନ ପର୍ଯ୍ୟାୟ ଲଗାଇ ଦୋଷୀକୁ ଖଲାସ ବାଟ କରିଥାଇ ପାରନ୍ତି। ପୁଣି ପ୍ରକୃତ ନ୍ୟାୟ ଖୋଜୁ ଥିବା ଲୋକକୁ ଠକିବା କାମ କରିପାରନ୍ତି। ଏଣୁ ପ୍ରତି ରାଜା ପ୍ରଶାସନ ଚର ପ୍ରକ୍ରିୟାକୁ ପାହ୍ୟା ପାହ୍ୟା କରି ଏକକୁ ନଜଣାଇଁ ଅନ୍ୟକୁ ତାର ପିଛା ଲଗାଇଥାନ୍ତି। ଯେମିତି ଏବେ ଭିଜିଲାନ୍ସ ବିଭାଗ କ୍ରାଇମ ବ୍ରାଞ୍ଚ ପରି ସଂସ୍ଥା।

ଲୋକଙ୍କୁ ଶାନ୍ତିରେ ରଖିବା ପାଇଁ ସଂକଳ୍ପ ନେଇଥିବା ପ୍ରଶାସନ ନେତା ମନ୍ତ୍ରୀ ଅଧିକାରୀ ସତ୍ୟାନୁସନ୍ଧାନୀ ହେଲେ ତାଙ୍କୁ ପ୍ରକୃତରେ ଅନ୍ଧାରୀ ବିଜେ ହେବା ନିହାତି ଦରକାର। ରାମାୟଣରେ ଅଛି ଲଙ୍କା ଆକ୍ରମଣ ପାଇଁ ଶ୍ରୀରାମ କିଷ୍କିନ୍ଧା ନରପତି ସୁଗ୍ରୀବଙ୍କ ସେନାଙ୍କ ଛାଉଣୀ କରିଛନ୍ତି ଏଇ କଥାର କଳନା ପାଇଁ ଶୁକ ସାରଣ ଦୁଇଜଣ ମନ୍ତ୍ରୀଙ୍କୁ ଚର ରୂପେ ପଠାଇଥିଲେ ହେଲେ ତାଙ୍କର ଦତ୍ତ ଖବର ଠିକ କି ଭୁଲ ତଦାରଖ ପାଇଁ ରାବଣ ପୁଷ୍ପକ ଯାନରେ ଆକାଶରେ ରହି ସେନା କଳନା କରିଥିଲେ। ଶ୍ରୀରାମ ଚନ୍ଦ୍ର ଅଯୋଧ୍ୟାର ସିଂହାସନରେ ବସିବାପରେ ଏମିତି ଏକ ଗୁଜବ ପ୍ରଚାର ଲୋକଙ୍କ ଭିତରେ ମୃଦ୍ୟୁ ଗୁଞ୍ଜନ କରିବା ଶୁଣି ଏକ ଧୋବା ଦମ୍ପତ୍ତିଙ୍କ କଥୋପକଥନ ଶୁଣି ରାଜବିଧି ଲଗାଇ ନିଜର ପ୍ରାଣପ୍ରିୟା ସୀତାଙ୍କୁ ଗର୍ଭ ଅବସ୍ଥାରେ ଜଙ୍ଗଲରେ ଲକ୍ଷ୍ମଣ ଦ୍ୱାରା ବର୍ଜନ କରିଥିଲେ।

ସେ ସଚ୍ଚା ପ୍ରଶାସକ ସେ ତାଙ୍କର କର୍ମଚାରୀମାନଙ୍କୁ ଭଲ ଭାବରେ ପରୀକ୍ଷା ବାରମ୍ବାର କରିବା ଦରକାର ନହେଲେ କର୍ମଚାରୀମାନେ ରାଜକାନୁନର ଧାରା ବଳରେ ସତ୍ୟକୁ ଅସତ୍ୟ ଅସତ୍ୟକୁ ସତ୍ୟ କରାଇ ଅନ୍ୟାୟକୁ ଲୁଚାଇ କିଛି ଫାଇଦା କମେଇ ନେଇପାରନ୍ତି। ଶାସକ ଏକ ବିହ୍ୱ ମଧ୍ୟରେ ସର୍ବଦା ରହିଥାନ୍ତି। ଏହା ଏବର ପ୍ରଣାଳୀ ନୁହଁ ବହୁ ପୂର୍ବରୁ ଏପରି ଅଛି ହେଲେ ପୂର୍ବେ ଖଣ୍ଡା, ଛୁରୀ, ତୀର ଚାଳନା ପରି ଘଟଣା ଥିବାବେଳେ ଏବେ ବନ୍ଧୁକ, ପିସ୍ତଲ, ବୋମା ଆୟୁଧ ହୋଇଗଲାଣି। ରାଜାପରି ବେଶରେ ରାଜା ଏପରି ମଧ୍ୟରେ ରହୁଛନ୍ତି। ଜଣେ ଭଲ କର୍ମଚାରୀର ଆହାର ନିଦ୍ରାଭୟ, କର୍ମ ସମସ୍ତଙ୍କ ପରି ରହିଛି। କର୍ମଚାରୀକୁ ଅନେକ ଦିନ ଧରି ତାର ପରିବାରର ସ୍ତ୍ରୀ ପିଲାଙ୍କ ମିଶିବାକୁ ନ ହେଲେ ବ୍ୟକ୍ତି ବିରକ୍ତ ହୋଇ ତାର ଡିଉଟି କରୁଥିବ, ଅଫିସରମାନେ ଦରମାବହ ଅନ୍ୟ ବାଗରେ ଅର୍ଥ ଆପଣେଇବା ଅନେକଙ୍କୁ ଜଣା। ଏପରି ସ୍ଥଳେ ଦାୟିତ୍ୱବାନ କର୍ମଚାରୀ ଯଦି ରାଜ କର୍ମଚାରୀ ରାଜ ପରିବେଶରେ ଲୋକଙ୍କ ଜଗୁଆଳି ହୋଇ ବହୁଦିନ ସ୍ୱଗୃହକୁ ନଯାଇଥିବେ ଓ ଅର୍ଥର ସରଳ ରୋଜଗାର ପାଇଁ କିଏ ସୁପାରି ଚାଳନା କଲା ତେବେ ଭଲ କର୍ମଚାରୀ ବି ଭୁଲ କରିପାରନ୍ତି।

ଏଣୁ ରାଜକର୍ମଚାରୀ ମାନଙ୍କୁ ଯଥେଷ୍ଟ ସମୟ ରାଜକାର୍ଯ୍ୟରେ ଲଗାଇଲେ ବି ଛୁଟିରେ ଯିବାକୁ ଅନୁମତି ଦରକାର ଓ ତାଙ୍କର ଉଦ୍ଦିଷ୍ଟ ବ୍ୟାରେକରେ ରହିବା ଦରକାର ଓ ତାଙ୍କ ପଛରେ ଚର ଲଗାଇ ବାହାର ସମ୍ପର୍କ ଗୁଡ଼ିକ ଅନୁଧ୍ୟାନ ଆବଶ୍ୟକ। ଏହା ସାବଧାନର ସ୍ତର ଏପରି ନକଲେ ଅଧିକାରୀ କାର୍ଯ୍ୟର ଗୁଢ଼ତଥ୍ୟ ଶତୃପାଇଯିବେ। ଏପରି ନିଜେ ପ୍ରଶରଘାତରେ ପଡ଼ିବା ହୋଇପାରେ। ଶାସ୍ତ୍ରୀଙ୍କ ତାସକେଣ୍ଟରେ ଦହୋନ୍ତ ନେତାଜୀଙ୍କର ଅର୍ନ୍ତଧାନ, ଇନ୍ଦିରାଗାନ୍ଧୀଙ୍କର ହତ୍ୟା, ରାଜୀବ ଗାନ୍ଧୀଙ୍କ ହତ୍ୟାରୁ କଣ ସରକାରୀ ଅଧିକାରୀ କିଛି ଶିକ୍ଷା କରୁନାହାନ୍ତି।


'ବରେଣ୍ୟ ବାଣୀ'

ପିସି ସରକାର ଲେନ୍,

ଅରୁଣୋଦୟ ମାର୍କେଟ, କଟକ,

ମୋ : ୯୪୩୭୦୩୧୨୫୩





## ସପନ ଦୀପର ଆଶା ସଳିତା

**ବେଣୁଧର ସୂତାର**

ନିଃଶବ୍ଦମନରେ ଶବ୍ଦରଙ୍ଗବୋଳେ
ଜାଗିଉଠେ ଭାଷା ପ୍ରୀତି ମମତା
ଲେଖନୀରେବାଢେ ଅର୍ଘ୍ୟରଆଳତି
ଭାବ ତରଙ୍ଗରେ ଆଙ୍କେ କବିତା
ଆବେଗ ଉଚ୍ଛୁଳା ଭାବ ଉଷ୍ମତା
ଶବ୍ଦାୟୀତକରେ ଚେତନାରତୀରେ
ସପନ ଦୀପର ଆଶା ସଳିତ ।

ଭାବର ସମ୍ଭାରେ ଆଶା ଅଭିସାରେ
କାଳୋତୀର୍ଣ୍ଣ କରେ କାବ୍ୟର କଳା
ସାହିତ୍ୟରେ ମିଳେ ଭାଷାର ସୁଗନ୍ଧ
ଭାଷା ସାରସ୍ୱତ ସୁମନ ମାଳା
ଭାଷା ସଂପ୍ରୀତିର ପ୍ରେମ ନୀଳୟ
ସାଧନା ଯଜ୍ଞରେ ପ୍ରୀତି ଆହୂତିରେ
ମାତୃଭାଷା ଦିଏ ଯା ପରିଚୟ ।

କେତେସମ୍ଭାବନା ଉଦ୍ଦୀପ୍ତ ଚେତନା
ଉଙ୍କି ମାରେ ଏଇ ସପନ ଫାଙ୍କେ
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ବର୍ଣ୍ଣିଳ ତୂଳୀରେ ବୈଭବ ଆଙ୍କେ
ଜାତି ଜାତୀୟତା ଭାବ ମମତା
ମାତୃଭାଷା ସିନା ସାମ୍ୟସମତାର
ସପନ ଦୀପରେ ଆଶା ସଳିତା ।

ମୋ ମାତୃଭାଷାର ପୁଣ୍ୟ ପଣତରୁ
ପ୍ରଜ୍ଞାର ପୀୟୂଷ ନିରତ ଝରେ
ଏ ହୃଦ ତନ୍ତ୍ରୀର ପ୍ରତି ସ୍ପନ୍ଦନରେ
ମାତୃଭାଷା ପ୍ରୀତି ମମତା ଭରେ
ପରିବ୍ୟାପ୍ତ କରେ ଚିନ୍ତା ଚେତନା
ମାଆ ମାତୃଭାଷା ଭାବ ଉନ୍ମାଦନା
ଚାରୁ ଲେଖନୀରେ ତୋଳେମୂର୍ଚ୍ଛନ ।

ଭାବନା ତରଙ୍ଗ ବୋଳିଦିଏ ରଙ୍ଗ
ଉଚ୍ଚାଟିତ କରେ ଏତନୁ ମନ
ଛନ୍ଦ ଲାଳିତ୍ୟର ସୃଜନୀ ମାଳାରେ
ଲେଖନୀରେ ଗଢେ ନନ୍ଦନ ବନ
ଭାଷା ଏ ଜାତିର ଜୀବନ ସତ୍ତା
ମାନବ ପ୍ରେମର ମହନତା ଜାଳେ
ସପନ ଦୀପର ଆଶା ସଳିତା ।


କେଶଦୁରାପାଳ କେନ୍ଦୁଝର

ମୋ: ୯୧୭୮୫୬୮୨୪୬


## ହସିବ ଆମ ଗାଆଁ

**କୀର୍ତ୍ତନ ସାହୁ**



ଆମେ ହସିଲେ ହସି ଉଠିବ
ଆମରି ପ୍ରିୟ ଗାଆଁ
ସୁଖ ଦୁଃଖରେ ରହିଛି ସିଏ
ହୋଇ ଆମର ସାହା ।

ହାତରେ ହାତ ମିଳାଇ ଦେଇ
କରିବା ତାର କାମ
ପାଦରେ ପାଦ ମିଶାଇ ଦେଇ
ରଖିବା ତାର ନାମ ।

ସଭିଏଁ ଆମେ ପଢ଼ିବା ପାଠ
ଜାଣିବା କେତେ କଥା
ପଢି ଶିଖିବା ଲେଖି ଶିଖିବା
ଲଗାଇ ଆମ ମଥା ।

ଆମ ଗାଁ ଖେତ ସବୁଜ ଶିରୀ
କେଡ଼େ ସୁନ୍ଦର ଦିଶେ
ଆମରି ଭଲ କାମରେ ସିନା
ଗାଆଁଟି ଆମ ହସେ ।

ଗାଆଁ ମୁଣ୍ଡରେ ବହି ଯାଉଛି
ଆମ ଗାଁ ଟିକି ନଈ
କହୁଛି ତମେ ଆଗକୁ ଚାଲ
ହୋଇ ଭଉଣୀ ଭାଇ ।

ଗାଆଁ ମଝିରେ ଶିବ ମନ୍ଦିର
କେଡ଼େ ପବିତ୍ର ଲାଗେ
ତା କୋଳେ ମନ ନିର୍ମଳ ରହେ
କାମେ ସରାଗ ଜାଗେ ।

ଆମ ଗାଁ ନୀଳ ଆକାଶ ତଳେ
ସୁନ୍ଦର ଆମ ଗାଆଁ
ଆମ ହସରେ ହସିବ ଗାଆଁ
ସେ ପରା ଆମ ମାଆ ।


ମିଶ୍ର କଲୋନୀ

ଶାଳପଡା, କେନ୍ଦୁଝର - ୨୦

ମୋ: ୯୪୩୮୪୧୪୭୦୧


## ବସନ୍ତର ଆଗମନେ

**ଅନନ୍ତ କୁମାର**



ଫୁଲେଇ ଫଗୁଣ ଯେବେଠୁ ଆସିଛି
ପ୍ରକୃତି ହେଉଛି ଖାଲି ସଜ
ବସନ୍ତ ମଳୟ ଯେବେଠୁ ବହିଛି
ଧରାରୁ ଚାଲିଯାଇଛି ଶୀତ।

ଆମ୍ର ବକଳର ମହକଟା ଆଜି
ସାରା ବନ ଉପବନେ ।
କୋଇଲିର କୁହୁ କୁହୁ ମିଠା ଗୀତି
ଶୁଣାଏ ସଭିଙ୍କ କର୍ଣ୍ଣେ।

ଫୁଲେଇ ଫଗୁଣର ପହିଲି ସ୍ପରଶେ
ବିମୋହିତ ତନୁ ମନ ଯୌବନ
ଦକ୍ଷିଣା ମଳୟର ଶୁଭ ଆଗମନେ
ସୁବାସିତ ସାରା ବନ କାନନ।

ପଳାସ ଶିମିଳି ବଢାଏ କେତେ
ଶୋଭାକାନ୍ତି
ଫଗୁଣର ପ୍ରାରମ୍ଭେ
ଚନ୍ଦନ ଆମ୍ର ଲତା ପୁଣି ଦିଏ ମହକାଇ
ବସନ୍ତର ସ୍ପରଶେ।

ତୁରଣ ତରୁଣୀ ମନେ ଭରେ ଉନ୍ମାଦନା
ବସନ୍ତର ମିଠା ମାରୁତ
ନବ ଯୌବନୀର ଦେହେ ଖେଳେ
ଶିହରଣ
ପାଇ ଫଗୁଣର ସ୍ପରଶ।


କବି ହୁଏ କେତେ ଭାବ ବିଭୋର
ଫଗୁଣର ରଙ୍ଗ ଦେଖି
ନଦୀ ହୁଏ ପୁଣି ଚଳ ଚଞ୍ଚଳ
ବସନ୍ତର ବାଆ ଦେଖି।

ଗାଁ ନଦୀ ପଠା ଦିଶେ ଶାଗୁଆ
ଶାଗୁଆ
ଫଗୁଣର ରୂପକୁ ଚାହିଁ।
ଭ୍ରମର ଗାଏ ଗୁଣୁ ଗୁଣୁ ମିଠା ଗୀତ
ପୁଷ୍ପରୁ ମିଠା ମଧୁ ଖାଇ।

ବରଷକ ଥରେ ଆସିଛି ଶ୍ରେଷ୍ଠ ବସନ୍ତ
ମିଠା ମଳୟର ସାଥେ।
ଫୁଲେଇ ଫଗୁଣକୁ ଉପଭୋଗ
କରରେ
ସର୍ବେ ଆନନ୍ଦ ଉଲ୍ଲାସେ ।


+ ତିହିଡି, ଭଦ୍ରକ

ମୋ: ୮୩୯୯୩୯୯୨୯

# ବିବାହକୁ ନେଇ ରିଆଲିଟି ସୋ



ଗତ ବର୍ଷ ଡିସେମ୍ବର ମାସରେ ଅଭିନେତ୍ରୀ ହଂସିକା ମୋଟ୍ୱାନି ଦୀର୍ଘ ଦିନର ପ୍ରେମିକ ସୋହେଲ କାଠୁରିଆଙ୍କୁ ବିବାହ କରିଥିଲେ । ଜୟପୁରର ମୁଣ୍ଡୋତା ଦୁର୍ଗରେ ବର୍ଣ୍ଣାଢ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହେବା ପରେ ସେ ଘୋଷଣା କରିଥିଲେ ଯେ ତାଙ୍କ ସଂପୂର୍ଣ୍ଣ ବିବାହ ଏକ ରିଆଲିଟି ସୋ ବା ବାସ୍ତବଧର୍ମୀ କାର୍ଯ୍ୟକ୍ରମ ରୂପେ ପ୍ରକାଶ ପାଇବ । ଏକ ଲୋକପ୍ରିୟ ଷ୍ଟ୍ରିମିଂ ମଞ୍ଚରେ 'ଲଭ୍ ସାଦି ଡ୍ରାମା' ନାମରେ ଏହି କାର୍ଯ୍ୟକ୍ରମ ଧାରାବାହିକ ଭାବେ ପ୍ରଦର୍ଶିତ ହେଉଛି । ଏଥିରେ ହଂସିକା ବିବାହର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବାରୁ ଆରମ୍ଭ କରି ହାତଗଣ୍ଠି ପଡ଼ିବା ଦିନ ପର୍ଯ୍ୟନ୍ତ ସବୁ ଦୃଶ୍ୟ ଦର୍ଶକଙ୍କୁ ଦେଖିବାକୁ ମିଳିବ । ନିକଟରେ ଏହାର ପ୍ରଥମ ଅଧ୍ୟାୟ ମୁକ୍ତିଲାଭ କରିଛି । ସେଥିରେ ସେ କହିଛନ୍ତି ଯେ ୨୪ ବର୍ଷ ବୟସରୁ ସେ ବିବାହ କରିବାକୁ ଚାହୁଁଥିଲେ କିନ୍ତୁ କାର୍ଯ୍ୟବ୍ୟସ୍ତତା ବାଧକ ସାଜିଥିଲା ।

ଶେଷରେ ସୋହେଲ ଧୈର୍ଯ୍ୟହରା ହେବାରୁ ସେ ବିବାହ ପାଇଁ ରାଜି ହୋଇଥିଲେ । ପ୍ରଥମ ଅଧ୍ୟାୟରେ ତାଙ୍କ ଉପରେ ଥିବା ଏକ ଆରୋପ ସମ୍ପର୍କରେ ହଂସିକା ମୁହଁ ଖୋଲିଛନ୍ତି । ସୋହେଲଙ୍କ ପୂର୍ବ ବିବାହ ଭାଙ୍ଗିବା ଲାଗି ତାଙ୍କୁ ଦାୟୀ କରାଯିବା ସମ୍ପର୍କରେ ସେ କହିଛନ୍ତି ଯେ ସେ ଜଣେ ସେଲିବ୍ରିଟି ହୋଇଥିବାରୁ ଲୋକେ ତାଙ୍କୁ ଆକ୍ଷେପ କରିବା ଅତ୍ୟନ୍ତ ସହଜ । ବାସ୍ତବରେ ସୋହେଲଙ୍କ ପୂର୍ବ ବିବାହ ବିଚ୍ଛେଦ ପଛରେ ତାଙ୍କର କୌଣସି ଭୂମିକା ନାହିଁ । ସେହିପରି ବିବାହର ବ୍ୟକ୍ତିଗତ ମୁହୂର୍ତ୍ତଗୁଡ଼ିକୁ ନେଇ ରିଆଲିଟି ସୋ ନିର୍ମାଣ କରିବାର ନିଷ୍ପତ୍ତିକୁ ନେଇ ମଧ୍ୟ ସମାଲୋଚନା ହେଉଛି । କିନ୍ତୁ ହଂସିକା କହିଛନ୍ତି ଯେ ଏଭଳି ସମାଲୋଚନା ତାଙ୍କ ପାଇଁ ଗୁରୁତ୍ୱହୀନ ।

# କିଆରା-ସିଦ୍ଧାର୍ଥଙ୍କୁ ଆଗାମୀ ୩ଟି ଫିଲ୍ମରେ ସ୍ୱାକ୍ଷର କରାଇଥିବା ଖବର ଉପରେ ପ୍ରତିକ୍ରିୟା ରଖିଲେ କରଣ

ବଲିଉଡର ସବୁଠାରୁ ଲୋକପ୍ରିୟ ପ୍ରେମୀଯୁଗଳ ସିଦ୍ଧାର୍ଥ ମଲହୋତ୍ରା ଏବଂ କିଆରା ଆଡଭାନୀ ବର୍ତ୍ତମାନ ସ୍ୱାମୀ-ସ୍ତ୍ରୀ ହେବକୁ ନେଇ ଚର୍ଚ୍ଚା ଥମିବା ନାଁ ଧରୁନି । ଆପଣ ଜାଣନ୍ତି ଯେ ଦୁହିଁଙ୍କୁ ସିନେ ନିର୍ମାତା କରଣ ଜୋହରଙ୍କ ଫିଲ୍ମ 'ଶେରଶାହା'ରେ ଏକତ୍ର ଦେଖିବାକୁ ମିଳିଥିଲା । ତେବେ କରଣ ତାଙ୍କର ଆଗାମୀ ୩ଟି ଫିଲ୍ମରେ ସିଦ୍ଧାର୍ଥ ଓ କିଆରାଙ୍କୁ ସ୍ୱାକ୍ଷର କରାଇଥିବା କଥା ଆପଣ ଜାଣିଛନ୍ତି । ଏବେ ଏ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି କରଣ । କରଣ କହିଛନ୍ତି ଯେ ସେ କିଆରା ଓ ସିଦ୍ଧାର୍ଥଙ୍କୁ ଆଗାମୀ କୌଣସି ବି ଫିଲ୍ମରେ ସ୍ୱାକ୍ଷର କରାଇ ନାହାନ୍ତି । ଏପରି ଏକ ଗୁଜବ ଖବର ପ୍ରଘଟ ହୋଇଚାଲିଛି । ସିଦ୍ଧାର୍ଥ ଓ କିଆରା ଉଭୟ କରଣଙ୍କର ଖୁବ୍ ପ୍ରିୟ । ସେହି କାରଣରୁ ବୋଧହୁଏ ଏପରି ଏକ ଗୁଜବ ପ୍ରଘଟ ହୋଇ ଥାଇପାରେ ।

'ଶେରଶାହା'ର ସୁଟିଂ ସମୟରେ ଦୁହେଁ ପରସ୍ପରକୁ ଭଲ ପାଇ ବସିଥିବା ବେଳେ ଫେବ୍ରୁଆରି ୭ରେ ଜୈସଲମେରର ସୁର୍ଯ୍ୟଗଡ ପ୍ୟାଲେସରେ ସିଦ୍ଧାର୍ଥ ମଲହୋତ୍ରା ଏବଂ କିଆରା ଆଡଭାନୀଙ୍କ ବିବାହ ହୋଇଛି ।

ବଲିଉଡରୁ ଆରମ୍ଭ କରି ସାଉଥ ସିନେମାର ତାରକାମାନେ ସିଦ୍ଧାର୍ଥ-କିଆରାଙ୍କ ବିବାହରେ ଯୋଗ ଦେଇଥିବା ନେଇ ଚର୍ଚ୍ଚା ହୋଇଥିଲା । ବଲିଉଡ ନିର୍ଦ୍ଦେଶକ-ପ୍ରଯୋଜକ କରଣ ଜୋହର ଦୁହିଁଙ୍କ ବିବାହରେ ଯୋଗ ଦେଇଥିବାର ଫଟୋ ସାମ୍ନାକୁ ଆସିଥିଲା ।ମିଳିଥିବା ସୂଚନା ଅନୁଯାୟୀ କରଣ ଜୋହର ତାଙ୍କର ଆଗାମୀ ତିନୋଟି ଚଳଚ୍ଚିତ୍ର ପାଇଁ ସିଦ୍ଧାର୍ଥ-କିଆରାଙ୍କୁ ସାଇନ୍ କରିଛନ୍ତି ବୋଲି ଚର୍ଚ୍ଚା ହେଉଥିଲା । କରଣଙ୍କ ଆଗାମୀ ୩ଟି ଫିଲ୍ମରେ ଦୁହେଁ ସାଥିରେ ନଜର ଆସିବେ ବୋଲି ଚର୍ଚ୍ଚା ଜୋର ଧରିଥିଲା ।



# 'ଅନୁପମା' ଧାରାବାହିକର କାବ୍ୟାଙ୍କ ବାସ୍ତବ ଜୀବନର ଜାଣନ୍ତୁ କିଛି କଥା



ଆପଣ 'ଷ୍ଟାର ପ୍ଲସ୍' ଚ୍ୟାନେଲ୍‌ରେ ପ୍ରସାରିତ ହେଉଥିବା 'ଅନୁପମା' ଧାରାବାହିକ ଯଦି ଦେଖୁଥିବେ ତ କାବ୍ୟା ଚରିତ୍ରକୁ କେବେ ବି ଭୁଲିପାରିବେ ନାହିଁ । ଏହି ଅଭିନେତ୍ରୀ ତାଙ୍କ ଅଭିନୟ ଜରିଆରେ ସଭିଙ୍କ ପ୍ରିୟ ହୋଇପାରିଛନ୍ତି । ତେବେ ପରଦାର ଏହି କାବ୍ୟାଙ୍କ ବାସ୍ତବ ଜୀବନ ବିଷୟରେ ଆପଣ କିଛି ଜାଣନ୍ତି କି ?



କାବ୍ୟାଙ୍କ ନାଁ ହେଉଛି ମଦାଳସା ଶର୍ମା । ସେ ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ବୋହୂ । ମିଥୁନ ଚକ୍ରବର୍ତ୍ତୀଙ୍କ ପୁଅ ମିମୋହ ଚକ୍ରବର୍ତ୍ତୀଙ୍କର ୨୦୧୮ ମସିହାରେ ମଦାଳସାଙ୍କ ସହ ବିବାହ ହୋଇଥିଲା । ଭାଲେଣ୍ଟାଇନ୍ସ ଡେ'ରେ ଏକ ଫଟୋ ପୋଷ୍ଟ୍ କରି ଅଭିନେତ୍ରୀ ମଦାଳସା ତାଙ୍କ ସ୍ୱାମୀ ମିମୋହଙ୍କୁ 'ଉଇସ୍' ବି କରିଛନ୍ତି ।


ମଦାଳସା ସୋସିଆଲ୍ ମିଡିଆରେ ଖୁବ୍ ସକ୍ରିୟ ରୁହନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କୁ ୨ ମିଲିୟନ୍‌ରୁ ବି ଅଧିକ ଲୋକ ଫଲୋ କରୁଛନ୍ତି । ଏକଥା ବହୁତ କମ୍ ଲୋକ ଜାଣିଛନ୍ତି ଯେ ମଦାଳସା ମିଥୁନଙ୍କ ବୋହୂ । କାରଣ ସେ ନିଜ ବ୍ୟକ୍ତିଗତ ଜୀବନ ସଂପର୍କରେ ଖୁବ୍ କମ୍ କଥା ହୁଅନ୍ତି ।

ସେ ତାଙ୍କ ପୋଷାକ ଓ ଫିଗରର କାଫି ଧ୍ୟାନ ରଖନ୍ତି । ତାଙ୍କ ଆକାଉଣ୍ଟ୍‌ରେ ଆପଣ ତାଙ୍କର ଅନେକ ବିକିନି ପିନ୍ଧା ଫଟୋ ପାଇଯିବେ । ତାଙ୍କର ପ୍ରତ୍ୟେକ ଫଟୋକୁ ପ୍ରଶଂସକ ବେଶ୍ ପସନ୍ଦ କରନ୍ତି । ସମସ୍ତ ଫଟୋରେ ତାଙ୍କର ଲକ୍ଷ ଲକ୍ଷ ଲାଇକ୍ ମିଳିଥାଏ ।

ସୋସିଆଲ୍ ମିଡିଆ ବ୍ୟବହାରକାରୀ ବି ତାଙ୍କ ପ୍ରଶଂସା କରି କେବେ ଥକି ଯାଆନ୍ତି ନାହିଁ । ପ୍ରଶଂସକମାନେ ମଦାଳସାଙ୍କ ନୂଆ ପୋଷ୍ଟ୍‌କୁ ଅପେକ୍ଷା କରି ରହିଥାନ୍ତି ।

# ସୁଫି ସନ୍ଥ ହେଲେ ଧର୍ମେନ୍ଦ୍ର

ଲମ୍ବା ଦାଢ଼ି, ମୁଣ୍ଡରେ ଧଳା ପଗଡ଼ି ବାନ୍ଧି ସୁଫି ସନ୍ଥ ବେଶରେ ନଜର ଆସିଛନ୍ତି ଅଭିନେତା ଧର୍ମେନ୍ଦ୍ର । ଏହି ବେଶରେ ୮୭ ବର୍ଷୀୟ ଧର୍ମେନ୍ଦ୍ରଙ୍କୁ ଚିହ୍ନିବା ମୁସକିଲ ହୋଇଯାଉଛି । ବଲିଉଡରେ ଧର୍ମେନ୍ଦ୍ର ଜଣେ ନାମୀଦାମୀ ଅଭିନେତା । ସେ ତାଙ୍କ ଅଭିନୟ ଜାଦୁରେ ଆଜି ପର୍ଯ୍ୟନ୍ତ ଦର୍ଶକଙ୍କୁ



ବାନ୍ଧି ରଖିଛନ୍ତି ।

ଧର୍ମେନ୍ଦ୍ର ଲମ୍ବା ଦାଢ଼ି ରଖିବା ସହିତ ମୁଣ୍ଡରେ ଧଳା ପଗଡ଼ି ବାନ୍ଧି ସୁଫି ସନ୍ଥ ବେଶରେ ଥିବା ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି । ଏହି ଫଟୋରେ ଧର୍ମେନ୍ଦ୍ରଙ୍କୁ ସହଜରେ ଚିହ୍ନି ହେଉନାହିଁ । ତାଙ୍କର ଏହି ଫଟୋ ଏବେ ଚର୍ଚ୍ଚାରେ ରହିଛି । ଏଭଳି ରୂପରେ ଧର୍ମେନ୍ଦ୍ରଙ୍କୁ ପୂର୍ବରୁ କେବେ ଦେଖିବାକୁ ମିଳି ନଥିଲା । କୁହାଯାଉଛି କି ଧର୍ମେନ୍ଦ୍ରଙ୍କୁ କିଛିଦିନ ଭିତରେ ସୁଫି ସନ୍ଥ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ । ଆଜ୍ଞା ହଁ, ଜି୫ର ଅପକମିଂ ୱେବ ସିରିଜ, 'ତାଜ ଡିଭାଇଡେଡ ବାଏ ବ୍ଲଡ' ଆସିବାକୁ ଯାଉଛି । ଏଥିରେ ଧର୍ମେନ୍ଦ୍ର ଜଣେ ସୁଫି ସନ୍ଥ ଶେଖ ସଲିମ ଚିସ୍ତି ଭୂମିକାରେ ଦର୍ଶକଙ୍କ ସାମ୍ନାରେ ନଜର ଆସିବେ । ସିନେମାରେ ମୋଗଲ ସାମ୍ରାଜ୍ୟ ସହିତ ଜଡ଼ିତ ବିଷୟବସ୍ତୁକୁ ଦର୍ଶକ ଦେଖିବାକୁ ପାଇବେ ।

ସିନେମାରେ ଧର୍ମେନ୍ଦ୍ର କିପରି ଦେଖାଯିବେ ତାହାର ଏକ ଫଟୋ ସେୟାର କରି ଦେଇଛନ୍ତି ସେ । ଏହି ଫଟୋକୁ ଦେଖି ଧର୍ମେନ୍ଦ୍ରଙ୍କ ପ୍ରଶଂସକ ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଆଉ ନିଜକୁ ନିଜେ ପ୍ରଶ୍ନ କରିଥିଲେ କି ଇଏ ବାସ୍ତବରେ କ'ଣ ତାଙ୍କ ପ୍ରିୟ ଅଭିନେତା ଧର୍ମେନ୍ଦ୍ର !

ଫଟୋ ସେୟାର କରି ଧର୍ମେନ୍ଦ୍ର ଲେଖିଛନ୍ତି, ' ସାଙ୍ଗମାନେ ମୁଁ ଏହି ସିନେମାରେ ଜଣେ ସୁଫି ସନ୍ଥ ହୋଇଛି । ଭୂମିକା ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ରହିଛି ।'



# ପୁରୁଷ ଅନ୍ତର୍ବସ୍ତ୍ର ବିଜ୍ଞାପନରେ ଜାକ୍‌ଲିନ୍

ଜାକ୍‌ଲିନ୍ ଫର୍ଣ୍ଣାଣ୍ଡିସ୍ ଭାରତୀୟ ବିଜ୍ଞାପନ ଜଗତରେ ଇତିହାସ ରଚିଛନ୍ତି । ପୁରୁଷଙ୍କ ଅନ୍ତର୍ବସ୍ତ୍ରର ପ୍ରଚାର କରିବାରେ ସେ ପ୍ରଥମ ମହିଳା ଅଭିନେତ୍ରୀ ପାଲଟି ସଭିଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛନ୍ତି । ଟେଲିଭିଜନ୍ ପାଇଁ ପ୍ରସ୍ତୁତ ବିଜ୍ଞାପନଟିକୁ ସେ ନିଜ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଛାଡ଼ିଛନ୍ତି । ଜାକ୍‌ଲିନ୍ ସେଥିରେ ଉଲ୍ଲେଖ

# ବିଗ୍ ବସରୁ ଆରମ୍ଭ ହୋଇଥିବା ପ୍ରେମକୁ ବିବାହର ରୂପ ଦେବେ କରଣ-ତେଜସ୍ୱୀ !



ଟେଲି ଅଭିନେତା କରଣ କୁନ୍ଦ୍ରା ଏବଂ ତେଜସ୍ୱୀ ପ୍ରକାଶ ଟିଭି ଜଗତର ଲୋକପ୍ରିୟ ପ୍ରେମୀଯୁଗଳମାନଙ୍କ ମଧ୍ୟରୁ ଜଣେ । ଉଭୟଙ୍କ ପ୍ରେମ କାହାଣୀ ବିଗ୍ ବସ୍ ୧୫ରୁ ଆରମ୍ଭ ହୋଇଥିଲା । ବିଗ୍ ବସ ଘରେ ହିଁ ପରସ୍ପରକୁ ଭଲପାଇବସିଥିଲେ କରଣ-ତେଜସ୍ୱୀ । ସେଠାରୁ ବାହାରିବା ପରେ ବି ଦୁହିଁଙ୍କ ମଧ୍ୟରେ ଥିବା ଭଲପାଇବା ସମୟ ସହ ବଢ଼ିଥିବା ବେଳେ ଏବେ ଦୁହେଁ ବିବାହ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି । କରଣ ଏବଂ ତେଜସ୍ୱୀଙ୍କ ସୁନ୍ଦର ପ୍ରେମ କାହାଣୀ ଦେଖିବା ପରେ ପ୍ରଶଂସକମାନେ ସେମାନଙ୍କ ବିବାହକୁ ଅପେକ୍ଷା କରିଛନ୍ତି । ନିକଟରେ ଦେଇଥିବା ଏକ ସାକ୍ଷାତକାର ପରେ ଦୁହେଁ ମାର୍ଚ୍ଚରେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି ।

ନିକଟରେ ଏହି ପ୍ରେମୀଯୁଗଳ ଏକ ରେଡିଓ ଚ୍ୟାନେଲକୁ ସାକ୍ଷାତକାର ଦେଇଥିଲେ । ଏହି ସମୟରେ କରଣ କୁନ୍ଦ୍ରାଙ୍କୁ ବିବାହ ପ୍ରସଙ୍ଗରେ ପଚରାଯିବା ପରେ ସେ କହିଥିଲେ ଯେ ମୁଁ ମାର୍ଚ୍ଚରେ ବିବାହ କରିବାକୁ ପ୍ରସ୍ତୁତ ଅଛି । କେବଳ ଏତିକି ନୁହେଁ କରଣ ଏହା ମଧ୍ୟ କହିଥିଲେ ଯେ ତାଙ୍କ ପରିବାର ସଦସ୍ୟ ମଧ୍ୟ ବିବାହ ପାଇଁ ପ୍ରସ୍ତୁତ । କିନ୍ତୁ କାମ ଶେଷ ହେଉନାହିଁ । ବିଗ୍ ବସ୍ ସରିବା ପରେ ତେଜସ୍ୱୀ ନାଗିନ ଧାରାବାହିକ କରିବା ଆରମ୍ଭ କରିଥିଲେ, ଯାହା ଶେଷ ହିଁ ହେଉନାହିଁ । ମୋତେ କେଉଁଠି ବି କହିବେ ମୁଁ ବିବାହ କରିବାକୁ ରାଜି । ସୁଟିଂ ସେଟରେ ବିବାହ ହେଲେ ବି ମୋର କୌଣସି ସମସ୍ୟା ନାହିଁ ।

# ବାଇକକୁ ପିଟିଲା ଟ୍ରକ୍: ପ୍ରାଣ ହରାଇଲେ ବାପ ଓ ପୁଅ



ନୂଆପଡ଼ା, ୧୬/୦୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଲଖନା ଥାନା କୁସଦହନା ସ୍ଥିତ ବିଜୁ ଏକ୍ସପ୍ରେସ ୱେ଼ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଘଟିଛି। ଏଠାରେ ବାଇକକୁ ପିଟିଛି ଟ୍ରକ୍। ଏହାଫଳରେ ଘଟଣାସ୍ଥଳରେ ବାପ ଓ ପୁଅଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବାଇକ୍ ଆରୋହୀ କୋମନା ଥାନା ମିଛାପାଲି ଗାଁର କମଳ ପାଟକୀନାରା (୩୫) ଓ ତାଙ୍କ ପୁଅ ଦୀପକ୍ ପାଟକିନାରା (୫) ବର୍ଷ ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରେ ଲଖନା ପୁଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିବା ସହ ଶବ ଜବତ କରି ଅଧିକ ତଦନ୍ତ କରୁଛି।

ଏଣେ ନୂଆପଡ଼ା ଜିଲ୍ଲା କୋମନା ଥାନା ଘୋଟସର ଗାଁ ନିକଟ ଜାତୀୟ ରାଜପଥ ୩୫୩ରେ ଟ୍ରକ୍ (ଏନ୍‌ଏକ୍ସ ୦୧ ଏଡି-୨୬୫୬) ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବୋଡ଼େନ ଥାନା କିରେଝୋଲା ଗାଁର ଟଙ୍କଧର ମାଝୀ (୩୦)। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ବାଇକ୍ (ଓଡି ୨୬ଡି-୫୬୯୬)କୁ ଜବତ କରି ତଦନ୍ତ ଜାରି ରଖିଛି।

# ସ୍ୱେଚ୍ଛାସେବୀ ସଂଗଠନ ସମ୍ମାନର ସହିତ ମହିଳାଙ୍କ ଅନ୍ତିମ ସଂସ୍କାର କଲେ

ବଲାଙ୍ଗୀର, ୧୬/୦୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ କମସରା ଗ୍ରାମ ପଂଚାୟତର ବଡଯୋର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ସେହି ଗ୍ରାମର ଜଣେ ୨୯ ବର୍ଷୀୟା ଅବିବାହିତା ମହିଳା ଚିକେନପକ୍ସ ରୋଗରେ ପୀଡିତ ହେବା ପରେ ପରିବାର ସଦସ୍ୟ ରୋଗୀକୁ ଘରେ ରଖି ଝଡାଫୁଙ୍କା ଚିକିତ୍ସା କରାଉଥିଲେ। ମହିଳା ଜଣକ ସୁସ୍ଥ ହେବା ବଦଳରେ ରୋଗ ଅଧିକ ବଢି ଯିବାରୁ ଚିକିତ୍ସା ନିମନ୍ତେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ବଲାଙ୍ଗିରସ୍ଥିତ ଏକ ଘରୋଇ ନର୍ସିଂହୋମକୁ ରୋଗୀଙ୍କୁ ସ୍ଥାନାନ୍ତରିତ କରାଯାଇ ଚିକିତ୍ସା କରାଉଥିଲେ। ସେ ସୁସ୍ଥ ନ ହେବାରୁ ପରିବାର ସଦସ୍ୟ ତାଙ୍କୁ ଘରକୁ ନେଇ ଫେରି ଯାଇଥିଲେ। ଗତକାଲି ୧୪ ଫେବୃଆରୀ ରାତିରେ ନିଜ ଘରେ ମହିଳାଙ୍କ ମୃତ୍ୟୁବରଣ ଘଟିଯାଇଥିଲା। ପରିବାର ସଦସ୍ୟ ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ବଶବର୍ତୀ ହୋଇ ମହିଳାଙ୍କ ବାପା, ଭାଇ ଓ ବନ୍ଧୁବର୍ଗ ମିଶି ଗ୍ରାମ ନିକଟସ୍ଥ ଏକ ଘଂଚ ଜଙ୍ଗଲରେ ମହିଳାଙ୍କ ଶବକୁ ଫୋପାଡି ଦେଇ ଶବ ଉପରେ କଂଟାଗଛ ଡାଳ ଲଦି ଦେଇ ଚାଲି ଆସିଥିଲେ। ସକାଳୁ ଏହି ଘଟଣା ଗ୍ରାମରେ ପ୍ରଚାର ହେବା ପରେ ସ୍ଥାନୀୟ କିଛି ସ୍ୱେଚ୍ଛାସେବୀ ବ୍ୟକ୍ତି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଖବର ଦେବା ସହିତ ସାହାଯ୍ୟ ଲୋଡି ଥିଲେ। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ସୁମିତ ମିଶ୍ର ଓ ଲିଙ୍କନ ସେଠ ବଲାଙ୍ଗିରରୁ ବାହାରି ବଡଯୋର ଗ୍ରାମସ୍ଥିତ ସେହି ମହିଳାଙ୍କ ପରିବାର ସଦସ୍ୟଙ୍କ ପାଖରେ ଯାଇ ପହଂଚିଥିଲେ। ସେଠାରେ ପରିବାର ସଦସ୍ୟଙ୍କ ସହ ଘଟଣା ବିଷୟରେ ଆଲୋଚନା କରିବା ସହିତ ଏହିପରି ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ବଶବର୍ତୀ ନ ହୋଇ ଶବକୁ ସସମ୍ମାନେ ସଂସ୍କାର କରିଦେବା ପାଇଁ ବୁଝାସୁଝା କରିଥିଲେ। ହେଲେ ପରିବାର ସଦସ୍ୟ ଗ୍ରାମବାସୀଙ୍କ ଭୟରେ ଏଥିପାଇଁ ଅରାଜି ହେବାରୁ ସଂଗଠନ ପକ୍ଷରୁ ସ୍ଥାନୀୟ ପୋଲିସକୁ ଏହି ଘଟଣା ବିଷୟରେ ଖବର ଦିଆଯାଇଥିଲା। ପୋଲିସ ଘଟଣା ବିଷୟରେ ଅବଗତ ଥିବା ଏବଂ ଘଟଣାର ପୁଷ୍ଟି ସରିଥିବା କହିଥିଲେ ସ୍ଥାନୀୟ ପୋଲିସ ଅଧିକାରୀ। ପୋଲିସ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ମୃତ ମହିଳାଙ୍କ ପରିବାର ସଦସ୍ୟଙ୍କ ଲିଖିତ ଅନୁମତି ନେବା ପରେ ବଡଯୋରସ୍ଥିତ ସେହି ଘଂଚ ଜଙ୍ଗଲକୁ ଯାଇ ପହଂଚିଥିଲେ। ଗାଡି ଯିବା ପାଇଁ ରାସ୍ତା ନ ଥବାରୁ ଶବକୁ ଘଂଚ ଜଙ୍ଗଲରେ ପଡି ରହିଥିବା ସ୍ଥାନରୁ ବାହାର କରି ସଂଗଠନର ସଦସ୍ୟମାନେ ଚାଲି ଚାଲି ୪ କିଲୋମିଟର ଯାଏଁ ଆସି ସ୍ୱର୍ଗରଥ ଗାଡି ନିକଟକୁ ଆଣିଥିଲେ। ପରେ ସ୍ୱର୍ଗରଥରେ ଶବକୁ ଧରି ବଲାଙ୍ଗିର ବିଭୁତିପଡାସ୍ଥିତ ସ୍ମଶାନକୁ ଅନ୍ତିମ ସଂସ୍କାର ପାଇଁ ଆଣିଥିଲେ।

ଏହି ଘଟଣା ପ୍ରତି ଅବଗତ ହେବା ପରେ ବଲାଙ୍ଗିର ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ ଗଭୀର ଭାବରେ ମର୍ମାହତ ହୋଇ ବିଭୁତିପଡା ସ୍ମଶାନରେ ଉପସ୍ଥିତ ରହିଥିଲେ। ସଂଗଠନର ସଦସ୍ୟମାନେ ପହଂଚିବା ପରେ ତାଙ୍କ ଠାରୁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ବୁଝିବା ସହିତ ଆଜିର ସମାଜରେ ଏହିପରି ଅନ୍ଧ ବିଶ୍ୱାସ ଓ କୁସଂସ୍କାରରୁ ଦୂରରେ ରହିବା ପାଇଁ ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଅନ୍ତିମ ସଂସ୍କାର କାର୍ଯ୍ୟ ପାଇଁ ଉପଯୁକ୍ତ ସାମଗ୍ରୀ ପାଇଁ ଯୁବ ସଂଗଠକ ବୁଲୁ ବେହେରା ସହଯୋଗ କରିଥିଲେ। ଶେଷରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ସୁମିତ ମିଶ୍ର, ଲିଙ୍କନ ସେଠ, ରାଜେନ୍ଦ୍ର ସେଠ, ଦେବରାଜ ନାଗ ମୃତ ମହିଳାଙ୍କ ଶବକୁ ସସମ୍ମାନେ ଅନ୍ତିମ ସଂସ୍କାର କରିଥିଲେ।

## ନଳକୂପ ଖନନର ସମୀକ୍ଷା କଲେ ବ୍ଲକ ପ୍ରଶାସନ

ଜୟପୁର, ୧୬/୦୨ (ନି.ପ୍ର): ଜୟପୁର ବ୍ଲକର ନଳକୂପ ଖନନ କାଯ୍ୟ ସମିକ୍ଷା ହୋଇଛି । ଜୟପୁର ବ୍ଲକର କଙ୍ଗା, ଜାମୁଣ୍ଡା ପଂଚାୟତରେ ବ୍ଲକ ପ୍ରଶାସନ ତରଫରୁ ସମିକ୍ଷା କରାଯାଇଛି । ବିଡିଓ ରାଜିବ ଦାସ , ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ସୁକାନ୍ତ କିଶୋର ବାରିକ, ଆରଡବ୍ଲୁ ଏସଏସର କନିଷ୍ଠ ଯନ୍ତ୍ରୀ ଭରତ ଭୁଷଣ ସ୍ୱାଇଁ ସମିକ୍ଷା କରିଛନ୍ତି । ବିଜୁ କେବିକେ ଯୋଜନାରେ ଜୟପୁରର ବ୍ଲକର ୨୨ଟି ପଂଚାୟତରେ ୭୦ଟି ନଳକୂପ ଖନନ କରାଯିବା ନେଇ ବ୍ଲକ ପ୍ରଶାସନ ତରଫରୁ ଲକ୍ଷ ରଖାଯାଇଛି । ଏହି ଲକ୍ଷ ଫେବୃଆରି ମାସ ଶେଷ ସୁଦ୍ଧା ଶେଷ କରାଯିବା ନେଇ ବ୍ଲକ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଛି । ନଳକୂପ ଖନନ ହେଲ ଖରା ଦିନରେ ଜୟପୁର ବ୍ଲକ ଅଂଚଳରେ ପାନୀୟ ଜଳ ସମସ୍ୟା ରହିବ ନାହିଁ ଓ ଗ୍ରାମାଂଚଳର ଲୋକ ମାନେ ଉପକୃତ ହେବେ ।

# ବରିଷ୍ଠ ଅଧିକାରୀ ସମ୍ମିଳନୀ ଶେଷ: ଫୋକସ୍‌ରେ 'ଓଡ଼ିଶା ଯୋଡ଼'

## ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବ, ଯାତ୍ରୀବାହୀ ବସ୍ ଗଡ଼ିବ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ତିନି ବର୍ଷ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜନ ହୋଇଥିବା ବରିଷ୍ଠ ଅଧିକାରୀ ସମ୍ମିଳନୀ ଆଜି ଶେଷ ହୋଇଛି। କୋଣାର୍କର ଇକୋ ରିଟ୍ରିଟ୍‌ରେ ଆୟୋଜିତ ଏହାର ଉଦ୍‌ଯାପନୀ ଦିବସରେ ୧୦ଟି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବମାନେ ସେମାନଙ୍କ ବିଭାଗର ସଫଳତା ଏବଂ ଆଗାମୀ ଯୋଜନା ବିଷୟରେ କହିଥିଲେ। ରାଜ୍ୟ ସରକାରଙ୍କ ଫୋକସ୍‌ରେ ଗ୍ରାମାଞ୍ଚଳ ଥିବାବେଳେ 'ଓଡ଼ିଶା ଯୋଡ଼'କୁ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଯୋଡ଼କୁ ଭିତ୍ତି କରି ପରିବହନ ବ୍ୟବସ୍ଥାକୁ ସୁଦୃଢ କରାଯିବ। ଏଥିରେ ବିଜୁ ଗାଁ ଗାଡ଼ି ଯୋଜନାକୁ ଆହୁରି ମଜବୁତ୍ କରିବା ପାଇଁ ପ୍ରତି ଗ୍ରାମପଞ୍ଚାୟତକୁ ସଂଯୋଗ କରି ବସ୍ ଚାଲିବ। ବ୍ଲକ ମୁଖ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରି ବସ୍ ରୁଟ୍ ସ୍ଥିର କରାଯିବ। ଏହାସହ ବିଜୁ ଗାଁ ଗାଡ଼ି ଯୋଜନାକୁ ଆହୁରି ମଜବୁତ୍ କରିବା ପାଇଁ ଆଭ୍ୟନ୍ତର ଜଳ ପରିବହନକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏଥିରେ ଜଳପଥରେ ଯାତାୟତକୁ ପ୍ରାଧାନ୍ୟ ଦିଆଯିବ। ଅଧିକ ଜେଟି ସ୍ଥାପନ ସହ ଯାତ୍ରୀବାହୀ ଡଙ୍ଗା, ଲଞ୍ଚ ଚଲାଯିବ।

ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଆଜି ଓଡ଼ିଶା ଯୋଡ଼କୁ ଫୋକସ୍ କରି କହିଛନ୍ତି ଯେ, ଆସନ୍ତା କିଛି ବର୍ଷ ମଧ୍ୟରେ ସଡ଼କ, ଜଳ, ରେଳ ଓ ବିମାନ ପରିବହନ ବ୍ୟବସ୍ଥାକୁ ସୁଦୃଢ କରାଯିବ। ରାଜ୍ୟର ୩୦ଟି ଜିଲ୍ଲାକୁ ରେଳ ସଂଯୋଗ କରାଯିବ। ଏଥିପାଇଁ ରାଜ୍ୟ ସରକାର ମାଗଣାରେ ଜମି ଓ ନିର୍ମାଣ ଖର୍ଚ୍ଚ ବହନ କରିବେ। ମାଲ୍ ପରିବହନ ପାଇଁ ଉତ୍ସର୍ଗୀକୃତ ମାଲପରିବହନ କରିଡର ରାଜ୍ୟ ଭିତରେ ଏବଂ ଅନ୍ୟ ରାଜ୍ୟକୁ ସଂଯୋଗ କରି ନିର୍ମାଣ କରାଯିବ। ଏବେ ରାଜ୍ୟରେ ଗୋଟିଏ ଅନ୍ତର୍ଜାତୀୟ ଏବଂ ୩ଟି ଘରୋଇ ବିମାନବନ୍ଦର ଥିବାବେଳେ ଖୁବ୍ ଶୀଘ୍ର ଉତ୍‌କେଳା, ରାସଗୋବିନ୍ଦପୁର, ରଙ୍ଗେଇ ଲୁଣ୍ଡାରେ ବିମାନବନ୍ଦର କାର୍ଯ୍ୟକ୍ଷମ ପାଇଁ ଲାଇସେନ୍ସ ମିଳିବ।

ସେହିପରି ଅର୍ଥ ବିଭାଗ ଯୋଜନା କରିଛି ଯେ, ପ୍ରତି ଗ୍ରାମପଞ୍ଚାୟତରେ ବ୍ୟାଙ୍କିଂ ସେବା ପ୍ରଦାନ କରାଯିବ। ରାଜ୍ୟରେ ୬୭୯୪ଟି ଗ୍ରାମପଞ୍ଚାୟତରୁ ୨୬୩୦ଟି ଗ୍ରାମପଞ୍ଚାୟତରେ ୫୬୯୫ଟି ସ୍ଥାୟୀ ଶାଖା ରହିଛି। ବାକି ୪୧୬୦ଟି ଗ୍ରାମାପଞ୍ଚାୟତରେ ବ୍ୟାଙ୍କିଂ କରସ୍ପଣ୍ଡେନ୍ସ/ ଗ୍ରାହକ ସେବା କେନ୍ଦ୍ର/ ଭାରତୀୟ ଡାକ ପେମେଣ୍ଟ ବ୍ୟାଙ୍କ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ରାଜ୍ୟର ୪ଟି ଗ୍ରାମପଞ୍ଚାୟତରେ କେ ?ଣସି ଆର୍ଥିକ ସେବା କେନ୍ଦ୍ର ନାହିଁ। ଏହାଦ୍ୱାରା ଡିବିଟି ସ୍କିମ୍‌ରେ ଲୋକ ଉପକୃତ ହୋଇପାରୁନାହାନ୍ତି। ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ପାଇଁ ରାଜ୍ୟ ସରକାର ଭିତ୍ତିଭୂମି ସହାୟତା ମାଧ୍ୟମରେ ୫ବର୍ଷ ପାଇଁ ନିର୍ଦ୍ଧାରିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ବିନା ଭଡ଼ାରେ ଖାଲିସ୍ଥାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କିଂ କରସ୍ପଣ୍ଡେନ୍ସ ଭାବେ ନିୟୋଜନ, ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଆଦି ପ୍ରଦାନ କରୁଛନ୍ତି। ପ୍ରତି ପଞ୍ଚାୟତରେ ଯେପରି ସ୍ଥାୟୀ ବ୍ୟାଙ୍କ ଶାଖା ଖୋଲିବ ସେଥିପାଇଁ ଅର୍ଥ ବିଭାଗ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି, ଭାରତୀୟ ରିଜର୍ଭ ବ୍ୟାଙ୍କ, ନାବାର୍ଡ, ପ୍ରମୁଖ ବ୍ୟାଙ୍କର ମୁଖ୍ୟମାନଙ୍କ ସହ ଆଲୋଚନା କରୁଛି ବୋଲି ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି।




ଆଜିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅସିତ ତ୍ରିପାଠୀ, ଆର.ବାଲକ୍ରିଷ୍ଣନ୍, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ ପାଣ୍ଡିଆନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଓ ବିଜେପିର ଗଣ ବିକ୍ଷୋଭ

କେନ୍ଦ୍ରାପଡ଼ା, ୧୬/୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଶାଖା ତରଫରୁ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଘରୋଇ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଶାସନରେ କ୍ୟାବିନେଟ ମନ୍ତ୍ରୀଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ଏହି ଗଣ ବିକ୍ଷୋଭରେ ଉପସ୍ଥିତ ଥିବା ବିଜେପିର ବରିଷ୍ଠ ନେତାମାନେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା, ରାଜ୍ୟ ସରକାରଙ୍କ ଅପାରଗତା ଓ ସୁପରିକଳ୍ପିତ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିଛନ୍ତି । ଅତୀତର ପରୀ, ବେବିନା, ମାଧବୀଲତା, କୁନ୍ଦଲି, ମମିତା ମେହେର ଭଳି ଅନେକ ଘଟଣାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସଂପୃକ୍ତ ଥିବାବେଳେ ରାଜ୍ୟ ସରକାର ଆଖିଦୃଶିଆ ପଦକ୍ଷେପ ଗ୍ରହଣ କଲେନାହିଁ । ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ଅଲେଖ ଜେନା, ଭୁବନ ମୋହନ ଜେନା, ବିଷ୍ଣୁ ପ୍ରସାଦ ଦାସ, ଦୋଳ ଗୋବିନ୍ଦ ନାୟକ, ଦୁର୍ଯ୍ୟୋଧନ ସାହୁ, ସୁନାକାର ବେହେରା, ଉମାକାନ୍ତ ପଟ୍ଟନାୟକ, ନେହେରୁ କୁମାର ସାହୁ, ତେଜେଶ୍ୱର ପରିଡା, ବିକ୍ରମ ରାଉତରାୟ, ଉପୀନ ରାଉତ, ପ୍ରିୟଦର୍ଶିନୀ ନନ୍ଦ, ମନୋରଞ୍ଜନ ଉପାଧ୍ୟାୟ,ଶଶାଙ୍କ ଶେଖର ସେଠୀ, ଅମିତାବ ସୁଆର, ସେକ ବୁହାର ଅଲ୍ଲୀ, ଅନୁରାଧା ସାମଲ, ଦୟାନିଧି ବଳ, ସଂଜିବନୀ ଆର୍ଯ୍ୟକୁମାର, ପବିତ୍ର ପରିଡ଼ା, ମମତାମୟୀ ସାମଲ, ପ୍ରମୁଖ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଜେପି ନେତା ଓ ନେତ୍ରୀ ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

# ବଲାଙ୍ଗୀର ସିଭିଲ କୋର୍ଟକୁ ୨୦୨୨-୨୩ ବର୍ଷ ପାଇଁ ବେଷ୍ଟ ଫାରଫର୍ମିଂ ଡିଷ୍ଟିକ୍ଟର ମାନ୍ୟତା ପ୍ରଦାନ

ବଲାଙ୍ଗୀର, ୧୬/୦୨ (ନି.ପ୍ର): ପୂର୍ବରୁ ବଲାଙ୍ଗୀରରେ ଭର୍ଚୁଆଲ ହାଇକୋର୍ଟର ଆରମ୍ଭ ହେବା ଘଟଣା ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା। ଏବେ ବଲାଙ୍ଗୀର ସିଭିଲ କୋର୍ଟକୁ ମିଳିଛି ଆଉ ଏକ ସଫଳତା। ମୁକଦ୍ଦମା ପରିଚାଳନା, ଫଇସଲା ଓ କେଶ୍ ଡିସ୍‌ପୋଜାଲ କ୍ଷେତ୍ରରେ ବଲାଙ୍ଗୀର ସିଭିଲ କୋର୍ଟର ଉତ୍ସାହ ଜନକ ଅବଦାନ ପାଇଁ ଓଡ଼ିଶା ହାଇକୋର୍ଟ ପକ୍ଷରୁ ବଲାଙ୍ଗୀର ସିଭିଲ କୋର୍ଟକୁ ୨୦୨୨-୨୩ ବର୍ଷ ପାଇଁ ବେଷ୍ଟ ଫାରଫର୍ମିଂ ଡିଷ୍ଟିକ୍ଟର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଜିଲ୍ଲା ଓକିଲ ସଂଘର ସଭ୍ୟମାନଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଭରି ଦେଇଛି। ବଲାଙ୍ଗୀର ଜିଲ୍ଲା ଦୌରାଜଜ୍ ଲଲାଟେନ୍ଦୁ ଜେନା ହାଇକୋର୍ଟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆଜି ବଲାଙ୍ଗୀର ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ବଲାଙ୍ଗୀର ଜିଲ୍ଲା ଦୌରାଜଜ୍ ଶ୍ରୀ ଜେନାଙ୍କୁ ସାକ୍ଷାତ କରି ତାଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ବଲାଙ୍ଗୀର ବାଇପାସ ନିର୍ମାଣ ପ୍ରସଙ୍ଗ : ଆହୁରି ତିନି ବର୍ଷ ପରେ ବାସ୍ତବତାର ରୂପ ନେବ: ହେମନ୍ତ ପଣ୍ଡା

ବଲାଙ୍ଗୀର, ୧୬/୦୨ (ନି.ପ୍ର): ବହୁ ପ୍ରତୀକ୍ଷିତ ବଲାଙ୍ଗିର ବାଇପାସର କାର୍ଯ୍ୟ ସମାପ୍ତ ହେବା ପଇଁ ଆହୁରି ତିନି ବର୍ଷ ସମୟ ଲାଗିବ । ଆଗାମୀ ମାର୍ଚ୍ଚ ମାସରୁ ଏହାର କାର୍ଯ୍ୟ ଆରମ୍ଭ ହୋଇ ଆଗାମୀ ତିନି ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଜାତୀୟ ରାଜମାର୍ଗ ଡିଭିଜନ ବଲାଙ୍ଗିର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି । ଏହି ପ୍ରକଳ୍ପ ୨୦୧୪ ମସିହାରେ କେନ୍ଦ୍ର ସରକାରଙ୍କ ମଞ୍ଜୁରି ପାଇଥିଲା କିନ୍ତୁ ଦୀର୍ଘ ୮ ବର୍ଷ ପରେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଏହି ବିଳମ୍ବର କାରଣ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ଶ୍ରୀ ପଣ୍ଡା ଜାତୀୟ ରାଜମାର୍ଗ ଆୟୋଗଙ୍କ ମୁଖ୍ୟ ଦପ୍ତରକୁ ତଥ୍ୟ ମାଗିଥିଲେ । ସୂଚନା ଅଧିକାର ଆଇନର ଧାରା ୬(୩) ଯୋଗେ ଶ୍ରୀ ପଣ୍ଡାଙ୍କ ଆବେଦନକୁ ବଲାଙ୍ଗିର ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏକ ବାଇପାସ ରାସ୍ତା ପାଇଁ ଦୀର୍ଘଦିନ ଧରି ବଲାଙ୍ଗିର ସହରବାସୀ ବଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି । ସହର ମଧ୍ୟରେ ରାସ୍ତା ଦୁର୍ଘଟଣା ହେଲେ ବାଇପାସ ରାସ୍ତା ଦାବୀ ତେଜି ଉଠେ ଓ ବଲାଙ୍ଗିରବାସୀ ବନ୍ଦ ପାଳନ କରିଥାନ୍ତି। ଅନେକ ରାଜନୈତିକ ନେତା ବାଇପାସ ରାସ୍ତା କାମ ଶୀଘ୍ର ଆରମ୍ଭ ଓ ଶେଷ ହେବା ଭଳି ଫମ୍ପା ପ୍ରତିଶୃତି ଦେଇ ଲୋକଙ୍କ ରୋଷ ଅସନ୍ତୋଷକୁ ପ୍ରଶମିତ କରିଥାନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ଏପର୍ଯ୍ୟନ୍ତ ହୋଇ ନାହିଁ। ଅତୀତରେ ଏଭଳି ଅନେକ ଘଟଣା ଘଟିଛି। ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇ ସାରିଛି। କଟକର ମେସର୍ସ ଶ୍ରୀ ଦୁର୍ଗା କୋଣ୍ଷେଭ ପ୍ରାଇଭେଟ ଲିମିଟେଡକୁ ସ୍ୱୀକାରୋକ୍ତି ପତ୍ର ଏନ୍‌ଏଚ୍ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ଗତ ବର୍ଷ ଅର୍ଥାତ ୨୦୨୨ ମସିହା ଫେବୃୟାରୀ ୪ ତାରିଖ ଦିନ ପ୍ରଦାନ କରାଯାଇଛି । ରାଜିନାମା ଔପଚରିକତା କାର୍ଯ୍ୟ ବର୍ତମାନ ମଧ୍ୟ ଜାରି ରହିଛି । ନିର୍ମାଣ କାର୍ଯ୍ୟ ଆସନ୍ତା ମାସ ତଥା ମାର୍ଚ୍ଚରେ ଆରମ୍ଭ ହୋଇପାରେ ବୋଲି ତଥ୍ୟରେ କୁହାଯାଇଛି । ଏନ୍‌ଏଚ୍ ୨୬ର ବିଜାଖମନ ସ୍ଥିତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନରୁ ଆରମ୍ଭ ହୋଇ ୧୧.୬୭ କି.ମି ଦୈର୍ଘ୍ୟ ବିଶିଷ୍ଟ ବାଇପାସ ରାସ୍ତା ସମ୍ବଲପୁର ରୋଡର ମାଧିଆପାଲି ସ୍ଥିତ ମାରୁତି ସୁଜୁକି ସୋ' ରୁମ ପର୍ଯ୍ୟନ୍ତ ନିର୍ମାଣ ହେବ । ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ମୂଲ୍ୟର ପ୍ରାୟ ୯୦ ପ୍ରତିଶତରୁ ଅଧିକ ଟଙ୍କା ଦିଆ ଶେଷ ହୋଇଛି ବୋଲି ତଥ୍ୟରେ କୁହାଯାଇଛି । ପ୍ରକଳ୍ପ ପାଇଁ ୨୧୦ କୋଟି ୫ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲେ ମଧ କେନ୍ଦ୍ର ସରକାରଙ୍କ ରୋଡ ଟ୍ରାନ୍ସପୋର୍ଟ ବିଭାଗ ୨୩୮ କୋଟି ୭୮ ଲକ୍ଷ ଟଙ୍କା ଗତ ୨୦୨୨ ମସିହା ଫେବୃୟାରୀ ୨୨ ତାରିଖ ଦିନ ମଞ୍ଜୁର କରିଛନ୍ତି । ପ୍ରକଳ୍ପର କାର୍ଯ୍ୟାରମ୍ଭ କରିବା ପାଇଁ ଏତେ ବିଳମ୍ବ ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ପାଇଁ ପୁଣି କାହିଁକି ତିନି ବର୍ଷ ସମୟ ସୀମା ଅନୁମତି ଦିଆଯାଇଛି ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି । ଅନେକ ବଡବଡ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେଉଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ସମ୍ପୃକ୍ତ କର୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବଲାଙ୍ଗିରବାସୀଙ୍କ ସ୍ୱପ୍ନର ପ୍ରକଳ୍ପ ବିଳମ୍ବିତ ଧାରାରେ ରହିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଯୁବ ସେବା ସଂଘ ପକ୍ଷରୁ ଦଶମ ବାର୍ଷିକ ମାତୃ ପିତୃ ପୂଜନୀୟ ଦିବସ

ହରିଚନ୍ଦନପୁର, ୧୬/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ମନୋହରପୁର ଗ୍ରାମ ପଂଚାୟତ ସତ୍ୟପାଳ ଗ୍ରାମରେ ପୂଜ୍ୟ ସନ୍ଥ ଶ୍ରୀ ଆଶାରାମଜୀ ବାପୁଙ୍କ ପ୍ରେରଣାରେ ଯୁବ ସେବା ସଂଘ ତରଫରୁ ମହା ଆଡ଼ମ୍ବରରେ ଦଶମ ବାର୍ଷିକ ମାତୃ ପିତୃ ପୂଜନୀୟ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ପାଶ୍ଚାତ୍ୟ ସଭ୍ୟତା ଆଧୁନିକତା ନାମରେ ଦିନକୁ ଦିନ ମାଡ଼ି ଚାଲିଥିବା ଅପ ସଂସ୍କୃତିର ବିଭିନ୍ନ ସାଧନ ମାଧ୍ୟମରେ ପ୍ରଚାର ପ୍ରସାର କରାଇ ପ୍ରାଚୀନ ପରମ୍ପରା ଓ ବୈଦିକ ସଂସ୍କୃତିକୁ ବାରମ୍ବାର ଆକ୍ରମଣ କରାଯାଇ ମାନସିକ ଏବଂ ଶାରରୀକ ଭାବେ ସମଗ୍ର ବିଶ୍ୱରେ କ୍ଷତି ଲାଭ କରିଥିବା ବହୁ ପୁରାତନ ପବିତ୍ର ସଂସ୍କୃତି ଓ ଯୌଥ ପରିବାର ବାଦକୁ ଦୁର୍ବଳ କରି ଶୂନ୍ୟ କରିବାକୁ ଯେଉଁ ହିନ ପ୍ରୟାସ କରାଯାଉଛି । ଏନେଇ ସଚେତନତା ବାର୍ତା ଦିଆଯିବା ସହ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଏଥିରେ ବାସ୍ତବ ପ୍ରେମ ଏବଂ ପରିବାର ସଦସ୍ୟଙ୍କ ମଧ୍ୟରେ କେଉଁଭଳି ସୁଖ ଶାନ୍ତି ରହିବ, ସନ୍ତାନମାନେ କିପରି ଗୁରୁଜନ ପିତାମାତାଙ୍କ ଠାରୁ ଆର୍ଶିବାଦ ଲାଭ କରିପାରିବେ ସେ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କଳାକାର ମହାନ୍ତ ଓ ସମ୍ମାନିତ ଅତିଥି ଡମ୍ବରୁଧର ମହାନ୍ତ, ଶାନ୍ତି ଅପା, ଲକ୍ଷ୍ମୀଧର ମହାନ୍ତ, ଜିରାଙ୍ଗ ପଂଚାୟତ ସରପଂଚ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଆଜିର ଯୁବ ସମାଜ ନିଜର ପ୍ରଥା, ପରମ୍ପରା, ସଂସ୍କୃତି, ସାହିତ୍ୟ, ଇତିହାସ ସହିତ ଆଧ୍ୟାତ୍ମିକତାରେ ଯୋଡ଼ି ହେବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିଥି ମାନେ ସୂଚନା ଦେଇଛନ୍ତି । ମାତୃ ପିତୃଙ୍କ ପ୍ରେମ ହିଁ ପ୍ରକୃତ ପ୍ରେମ। ପଶ୍ଚାତ୍ୟ ସଭ୍ୟତାକୁ ଭୁଲି ଭାରତୀର ମହାନ ପବିତ୍ର ସଂସ୍କୃତି ପରମ୍ପରାକୁ ଆପଣାଇବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ପୂଜନୀୟ କାର୍ଯ୍ୟକ୍ରମରେ ୪ଶହ ୫୦ରୁ ଉର୍ଦ୍ଧ୍ୱ ଶିଶୁ ଓ ଅଭିଭାବକ ଯୋଗ ଦେଇଥିଲେ।

# ଘରୋଇ ସ୍କୁଲରେ ପଢ଼ିବେ ଗରିବ ପିଲା



ଭୁବନେଶ୍ୱର, ୧୬/୦୨ (ନି.ପ୍ର): ଘରୋଇ ଓଡ଼ିଆ/ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିପାରିବେ ଗରିବ ପିଲା। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପାରଦର୍ଶୀ ପୋର୍ଟାଲ www.rteparadarshi.odisha.gov.in ଖୋଲାଯାଇଛି। ଆଗ୍ରହୀ ଯୋଗ୍ୟ ଅଭିଭାବକ ସେମାନଙ୍କ ପିଲାଙ୍କ ନାମଲେଖା ଲାଗି ଫେବ୍ରୁଆରି ୧୩ରୁ ମାର୍ଚ୍ଚ ୧୬ ମଧ୍ୟରେ ଆବେଦନ କରିପାରିବେ। ମାର୍ଚ୍ଚ ୨୦ ସୁଦ୍ଧା ଆବେଦନପତ୍ର ଯାଞ୍ଚ ସରିବ। ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହେବା ପରେ ଖାଲିଥିବା ସିଟ୍‌ରେ ନାମଲେଖା ଲାଗି ଦ୍ୱିତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏପ୍ରିଲ ୧୦ରୁ ୨୪ ମଧ୍ୟରେ ଯୋଗ୍ୟ ଛାତ୍ରଛାତ୍ରୀ ଆବେଦନ କରିପାରିବେ ଏବଂ ୨୬ ତାରିଖ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ ହେବ। ଯେଉଁମାନେ ଆବେଦନ କରିବେ ସେମାନେ ସଙ୍ଗେ ସଙ୍ଗେ ଆବେଦନପତ୍ର ଓ ପରିଚୟପତ୍ରଗୁଡ଼ିକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟର ନର୍ସରି/ ଏଲ୍‌କେଜି/ ପ୍ରଥମ ଶ୍ରେଣୀ ପାଇଁ ୨୫% ସିଟ୍ ସଂରକ୍ଷଣ ରହିଛି। ରାଜ୍ୟର ଆର୍ଥିକ ଅନଗ୍ରସର ଶ୍ରେଣୀର ସମସ୍ତ ଅଭିଭାବକ ଏହାର ସୁଯୋଗ ନେବାକୁ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଆହ୍ୱାନ ଦେଇଛନ୍ତି।

## ପେଟ୍ରୋଲ ଡିଜେଲରେ...

(ପୃଷ୍ଠା-୪ର ଅବଶିଷ୍ଟ)ଭାରତ ସରକାରଙ୍କ ତରଫ ରୁ ମିଡିଲ ଇଷ୍ଟ ଦେଶ ମାନଙ୍କୁ ତେଲ ଦର କମେଇବାପାଇଁ କେବେ ହେଲେ ଅନୁରୋଧ କରାଯାଇ ନାହିଁ। ଯୁକ୍ତ ରାଷ୍ଟ୍ର ଆମେରିକା ରେ ବେରେଲ ପିଛା ତେଲ ଦର ୪୦ ସେଣ୍ଟ କମିଛି ।

ଓଡିଶା ରେ ବର୍ତ୍ତମାନ ପେଟ୍ରୋଲ ଦର ୧୦୪.୬୬ ପଇସା ଅଛି ।ପେଟ୍ରୋଲ ର ଦର ୭୪.୩୮ ଟଙ୍କା ଅଛି କିନ୍ତୁ ଅଧିକ ଦର ଦେଇ ତେଲ କିଣିବା ଯେମିତି ଗ୍ରାହକଙ୍କ ମୁଣ୍ଡ ରେ ବଜ୍ର ପଡିଛି । ତେଲ ଦର ୭୪.୩୮ ପଇସା ହେଲା ବେଳେ ଭାରତ ସରକାର ୧୦୪.୬୬ ଦର ରେ ତେଲ ବିକ୍ରି କରିବା କେତେ ଦୂର ଠିକ ?

ଭାରତ ସରକାର ଏବଂ ରାଜ୍ୟ ସରକାର ପେଟ୍ରୋଲ ରେ ଏକସାଇଜ ଡିୟୁଟିସ କମ କରିବେ ତାହେଲେ ସାଧାରଣ ଗ୍ରାହକ ମାନେ ଶସ୍ତା ରେ ପେଟ୍ରୋଲ ଓ ଡିଜେଲ ପାଇପାରିବେ ।ସେଥିପାଇଁ କଞ୍ଚା ତେଲ ର ଦର କମେଇବା କଥା । କେନ୍ଦ୍ର ସରକାର ୪୦% ଟିକସ ନେଉଛନ୍ତି ଏବଂ ୩୭% ଡିଜେଲ ଦିଲ୍ଲୀ ରେ ନିଆଯାଉଛି । ପ୍ରତ୍ୟକ ୧୫ ଦିନ ରେ ଇଣ୍ଟେରନ୍ୟାସନାଲ ବ୍ୟାଞ୍ଚମାର୍କ ରେ ପେଟ୍ରୋଲ ଏବଂ ଡିଜେଲ ର ଦର ର ବୃଦ୍ଧି କରାଯାଉଛି । ରୁଷିଆ ଏବଂ ୟୁକ୍ରେନ ଭିତରେ ଯୁଦ୍ଧ ଚାଲିଛି । ରୁଷିଆ ଉପରେ ଅନ୍ତର ରାଷ୍ଟ୍ରୀୟ ସ୍ତର ରେ ବିଭିର୍ନ୍ନ ପ୍ରକାର ର ପ୍ରତିବନ୍ଧ ବା (ଶ୍ବବଭମ-ଶ୍ବସକ୍ଟଭ) ଲଗାଯିବା ଯୋଗୁ କଞ୍ଚା ତେଲ ର ସପ୍ଲାଇ କମିଯାଇଛି ସେଥିପାଇଁ ପେଟ୍ରୋଲ ଏବଂ ଡିଜେଲ ର ଦର ବୃଦ୍ଧି ହୋଇଚାଲିଛି । ଯେତେବେଳେ ଡ଼ଲାର ର ମୂଲ୍ୟ ଭାରତୀୟ ଟଙ୍କା ତୁଳନା ରେ ବଢୁଛି ସେତେବେଳେ ମଧ ପେଟ୍ରୋଲ ଏବଂ ଡ଼ିଜେଲ ର ଦର ବଢିଯାଉଛି କିନ୍ତୁ ଯଦି ଭାରତୀୟ ମୁଦ୍ରା ର ମୂଲ୍ୟ ବଢୁଛି ସେତେବେଳେ ମଧ ପେଟ୍ରୋଲ ଏବଂ ଡ଼ିଜେଲ ର ଦର କମୁନାହିଁ।

କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଏଭଳି ନୀତି ଯୋଗୁ ଆଜି ଭାରତ ରେ ଆର୍ଥିକ ସଙ୍କଟ ସାମସ୍ୟା ଦେଖିବା କୁ ମିଳୁଛି।

ଖୋଡ଼ାସିଙ୍ଗ କଳିଙ୍ଗନଗର, ବ୍ରହ୍ମପୁର
(ମୋ) - ୭୨୦୫୧୦୦୮୩୯

# ବେଧଡ଼କ ଚାଲିଛି ମୋରମ ଚୋରା ଚାଲାଣ



ରୂପସା, ୧୬/୦୨ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡାଙ୍ଗିରି ଗ୍ରାମରେ ଏନଆରଇଜୀଏସ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବସ୍ତା ତହସିଲଦାର, ରୂପସା ଥାନା ଆଇଆଇସି ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ଉତ୍ତେଜନା ଲାଗିରହିଛି । ଏମଜିଏନଆରଇଜୀଏସ ଯୋଜନାରେ ୨୦୨୧-୨୨ ବର୍ଷରେ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କେନ୍ଦୁଡାଙ୍ଗିରି ଗାଁ ଫାଦର ଟ୍ୟାଙ୍କ ରିନୋଭେସନ ପ୍ରକଳ୍ପ ବିଭାଗ ତରଫରୁ ମଂଜୁର ହୋଇଥିଲା । ତଦନୁଯାୟୀ ପଂଚାୟତ କତୃପକ୍ଷ, ବିଭାଗୀୟ ଜେଇ ଓ ଜିଆରଏସ କାର୍ଯ୍ୟରମ୍ଭ କରିଥିଲେ । ନାମକୁ ମାତ୍ର ଜବକାର୍ଡଧାରୀଙ୍କୁ କାମରେ ଲଗାଇ ମେସିନ ଦ୍ୱାରା ମୋରମ ଚାଲାଣ ହେଉଛି । ଉକ୍ତ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି । ନିୟମିତ ରାତିରେ ଜେସିବି ଦ୍ୱାରା ମୋରମ ଖୋଳା ଯାଇ ୧୦/୧୫ ଟି ଡମ୍ପର ଯୋଗେ ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାକୁ ଲକ୍ଷ ଲକ୍ଷ ଟଙ୍କାର ମୋରମ ଚାଲାଣ ହେଉଛି । ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ବସ୍ତା ତହସିଲ କାର୍ଯ୍ୟାଳୟ ଓ ରୂପସା ଥାନା ସମ୍ମୁଖରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି ।

# ଜୟନାରାୟଣଙ୍କ କୁଶପୁତଳିକା ଦାହ କଲା ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୧୬/୦୨ (ନି.ପ୍ର): ସମ୍ବଲପୁରରେ ମହିଳା ଆଇଆଇସିଙ୍କ ସହ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କ ଧସ୍ତାଧସ୍ତି ଘଟଣାରେ ରାଜରାସ୍ତାକୁ ଓହ୍ଲାଇଛି ବିଜୁ ମହିଳା ଜନତା ଦଳ। ଗୁରୁବାର ଦିନ ବିଜୁ ମହିଳା ଜନତା ଦଳର ଶତାଧିକ ମହିଳା କର୍ମୀ ଲୋୟର ପିଏମଜି ଠାରେ ବିରୋଧୀ ଦଳ ନେତାଙ୍କ ବିରୋଧରେ ନାରାବାଜି କରିଥିଲେ। ଏହାସହ ଶ୍ରୀ ମିଶ୍ରଙ୍କ କୁଶ ପୁତଳିକା ଦାହ କରିଥିଲେ ମହିଳାକର୍ମୀ।ଏହି ଧାରଣାରେ ଭୁବନେଶ୍ୱର ମେୟରଙ୍କ ସମେତ ବିଜେଡିର ଅନେକ ନେତା ସାମିଲ ହୋଇଛନ୍ତି । ବିଜେଡି ପକ୍ଷରୁ ଏହି ଘଟଣାକୁ ନେଇବିରୋଧୀ ଦଳ ନେତା ପଦରୁ ଜୟନାରାୟଣ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଜେଡିର ଚାଉଳ, ବିଜେପିର....

ପର୍ଯ୍ୟାୟ କ୍ରମେ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଛି ବିଜେଡି । ଗରିବଙ୍କୁ ମିଳୁଥିବା ଚାଉଳ ବନ୍ଦ କରିଦେବା ଫଳରେ ଏହାର ପ୍ରଭାବ କୃଷକଙ୍କ ଏମଏସପି ଉପରେ ପଡ଼ିବ ବୋଲି ଅଭିଯୋଗ କରିଛି ବିଜେଡି । କେନ୍ଦ୍ର ସରକାରଙ୍କ ଏଭଳି ନୀତିକୁ ଖଣ୍ଡପଡ଼ା ବିଧାୟକ ଜୋରଦାର ବିରୋଧ କରିଥିବା ବେଳେ ଆଗାମୀ ନିର୍ବାଚନରେ ଜନତା ଉଚିତ ଜବାବ ଦେବେ ବୋଲି କହିଛନ୍ତି । ଏପଟେ ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବା ଅଭିଯୋଗ ଆଣି ଭୁବନେଶ୍ୱରରେ ବଡ଼ଧରଣର ପ୍ରତିବାଦ କରିଛି ବିଜେପି । ରାଜଭବନ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟର ବହୁ ତୁଙ୍ଗ ନେତା ସାମିଲ ହେଇ, ଆଇନଶୃଙ୍ଖଳା ନେଇ ପ୍ରଶ୍ନ ଉଠାଇବା ସହ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି । ଯେଉଁଠି କ୍ୟାବିନେଟ ମନ୍ତ୍ରୀ ସୁରକ୍ଷିତ ନୁହଁନ୍ତି, ସାଧାରଣ ଲୋକଙ୍କ କଥା କିଏ ପଚାରେ ବୋଲି ବିଜେପି ନେତା ଅଭିଯୋଗ କରିଛନ୍ତି । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ, ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିବାବେଳେ ରାଜ୍ୟରେ କେହି ସୁରକ୍ଷିତ ନୁହଁନ୍ତି ବୋଲି ଅଭିଯୋଗ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ତେବେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ବିଜେଡି ଓ ବିଜେପି ଭିତରେ ରାଜନୈତିକ ପ୍ରତିଯୋଗିତା ତେଜିବାରେ ଲାଗିଛି । ଆଉ ଏହି ପ୍ରତିଯୋଗିତା ପଛରେ ୨୦୨୪ ସାଧାରଣ ନିର୍ବାଚନ ରହିଥିବା ଚର୍ଚ୍ଚା ହେଉଛି ।

## ଗଞ୍ଜାମ ରାଜନୀତିରେ ପୁଣି ....

ଗୋପବନ୍ଧୁ ଦାସ ଦୀର୍ଘଦିନ ହେବ ଗଞ୍ଜାମରେ ଦଳର ସ୍ଥିତି ସୁଧାରିବାକୁ ଉଦ୍ୟମ କରୁଛନ୍ତି । ତେବେ ପ୍ରଦୀପଙ୍କୁ ଚେକ ଦେବାକୁ ପୁଣି ଥରେ ସିଦ୍ଧାନ୍ତଙ୍କୁ ବିଜେଡି ଆଗକୁ ଆଣିଥିବା ଚର୍ଚ୍ଚା ହେଉଛି । ୨୦୦୯ ଓ ୨୦୧୪ରେ ବ୍ରହ୍ମପୁରର ସାଂସଦ ରହିଥିବା ସମୟରେ ଗୋପାଳପୁର ଓ ଛତ୍ରପୁର ଭଳି ଅଞ୍ଚଳରେ ବେଶ ସକ୍ରିୟ ଥିଲେ ସିଦ୍ଧାନ୍ତ । ତେଣୁ ଏବେ ପଛରେ ଏବେ ବି ଦଳୀୟ ନେତାଙ୍କ ସମର୍ଥନ ରହିଛି । ଗୋପାଳପୁର ଓ ଛତ୍ରପୁରରେ ବିଜେଡି କନ୍ଦଳ ବଢିଥିବାରୁ ଏହି ନିର୍ବାଚନମଣ୍ଡଳୀର ନେତାଙ୍କ ସହ ସିଦ୍ଧାନ୍ତ ମହାପାତ୍ରଙ୍କ ଆଲୋଚନା ଅନ୍ୟ କିଛି ଦିଗ ଆଡକୁ ଇସାରା କରୁଛି । କିନ୍ତୁ ୪ ବର୍ଷ ପରେ ପୁଣି ଗଞ୍ଜାମ ରାଜନୀତିରେ ସିଦ୍ଧାନ୍ତଙ୍କ ଚଳଚଞ୍ଚଳ ହେବା ବିଜେଡି ସମର୍ଥକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଶୟ ସୃଷ୍ଟି କରିଛି । ତେବେ ଗଞ୍ଜାମ ଜିଲ୍ଲାରେ ବିଜେଡିର ଅନେକ ବରିଷ୍ଠ ନେତା ଅଛନ୍ତି । ତାସତ୍ତ୍ୱେ ଅଭିନେତା ତଥା ପୂର୍ବତନ ସାଂସଦ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ନେଇ ରାଜନୈତିକ ମହଲ ନୂଆ ଅଙ୍କକଷା ଆରମ୍ଭ କରିଛନ୍ତି ।

## ଜୟନାରାୟଣଙ୍କ ବିରୋଧରେ....

ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଖାଲି ସେତିକି ନୁହେଁ, କୁଶପୁତ୍ତଳିକା ଦାହ କରିବା ସହ ବିରୋଧୀ ଦଳ ନେତା ପଦରୁ ଜୟନାରାୟଣଙ୍କ ବହିଷ୍କାର ଦାବି କରିଛି ବିଜେଡି । ଅନ୍ୟପଟେ ସମ୍ବଲପୁର ସର୍କିଟ ହାଉସ୍ ଘେରିଛନ୍ତି ବିଜେଡି କର୍ମୀ । ସର୍କିଟ ହାଉସରେ ଧସେଇ ପଶିବା ସହ ଜୟନାରାୟଣଙ୍କ ବିରୋଧରେ ନାରାବାଜି କରିଛି ଦଳ । ତେବେ ଜୟନାରାୟଣ କହିଛନ୍ତି, ତାଙ୍କୁ ହତ୍ୟା କରିବାକୁ ଯୋଜନା କରାଯାଇଛି । ସେହିପରି ବିଜେପି ଓଡ଼ିଶା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି ରାଜ୍ୟରେ ଜୟନାରାୟଣ ଅସୁରକ୍ଷିତ । ତେବେ ଧନୁପାଲି ଆଇଆଇସି ଅନିତା ପ୍ରଧାନଙ୍କୁ ବିରୋଧୀ ଦଳ ନେତା ଧକ୍କା ମାରିବା ଘଟଣାକୁ ନେଇ ତାତି ଉଠିଛି ପୁଲିସ ସଂଘ । ଉଭୟ ଭୁବନେଶ୍ୱର ଓ ସମ୍ବଲପୁରରେ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି । ଜୟନାରାୟଣଙ୍କ ବିରୋଧରେ ଥିବା ଅପରାଧିକ ମାମଲାର ତାଲିକା ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସଂଘ । ସେପଟେ ଆଇଆଇସି ଅନିତା ପ୍ରଧାନଙ୍କ ଏତଲା ଆଧାରରେ ଜୟନାରାୟଣଙ୍କ ନାଁରେ ସଙ୍ଗୀନ ଦଫା ଲଗାଇ ମାମଲା ରୁଜୁ କରାଯାଇଛି । ଆଇପିସି ଧାରା ୩୫୩, ୩୩୨, ୩୫୪, ୨୯୪, ୫୦୦, ୩୪୧, ୫୦୧ ଲଗାଯାଇଛି । ଯେଉଁଥିରେ ରହିଛି କର୍ତ୍ତବ୍ୟରତ ସରକାରୀ ଅଧିକାରୀଙ୍କ କାର୍ଯ୍ୟରେ ବାଧା ଦେବା, କ୍ଷତି ପହଁଚାଇବା, ମହିଳାଙ୍କ ସମ୍ମାନ ହାନୀ ଉଦ୍ଦେଶ୍ୟରେ ଅପରାଧିକ କାର୍ଯ୍ୟ, ସର୍ବସାଧାରଣରେ ଅଶାଳୀନ କାର୍ଯ୍ୟ ଓ ଭାଷା ବ୍ୟବହାର କରିବା ଭଳି ସଂଗୀନ ଦଫା ।

## କନ୍ୟାଯାତ୍ରୀଙ୍କ ସହ....

ଚମ୍ପଟ ମାରିବାକୁ ଉଦ୍ୟମ କଲାବେଳେ ଏକ ଘର ଆଗରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତେବେ ଡ୍ରାଇଭର ଫେରାର ହୋଇଯାଇଛି । ମାଣ୍ଡିଆପଲ୍ଲୀ ଦୁର୍ଘଟଣା ପରେ ଗାଁ ସ୍ତବ୍ଧ ଓ ନିର୍ଭୀକ ହୋଇଯାଇଛି । ଦୁଇଜଣଙ୍କ ଅବସ୍ଥା ଗୁରୁତର ଅଛି । ହସଖୁସିର ପରିବେଶ ହଠାତ ଯନ୍ତ୍ରଣା ପାଲଟିଯିବା କଥାକୁ ହୁଏତ ଗାଁ ଲୋକେ ଅନେକଦିନ ଯାଏଁ ଭୁଲିପାରିବେନି ।

## ଏଫଏମ କଲେଜରେ ଜାତୀୟ ସମ୍ମାନ

ବାଲେଶ୍ୱର, ୧୬/୦୨ (ନି.ପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗର ମିଳିତ ସହଯୋଗରେ 'ଏପ୍ଲିକେସନ ଅଫ୍ ମ୍ୟାଟେରିଆଲ ସାଇନ୍ସ ଇନ୍ ଏମର୍ଜିଂ ଫିଲ୍ଡ' ଶୀର୍ଷକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଅଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ରସାୟନ ତତ୍ତ୍ୱବିତ ଡ. ସୁରେନ୍ଦ୍ର ନାଥ ମହାନ୍ତି ଯୋଗ ଦେଇଥିଲେ। ଆବାହକ ରସାୟନ ବିଭାଗ ମୁଖ୍ୟ ବିଭୁଦତ୍ତ ବେହେରା ଥିଲାବେଳେ କାର୍ଯ୍ୟକାରୀ ସମ୍ପାଦକ ଥିଲେ ସମୀର କୁମାର ବେହେରା, ସୁଶାନ୍ତ କୁମାର ବାଘ ଓ ଡ. ବଳଦେବ ଆସ୍ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ଦିବସରେ ଅଧକ୍ଷ ପ୍ରଫେସର୍ ଦିଲ୍ଲୀପ କୁମାର ଘୋଷ ଅଧକ୍ଷତା କରିଥିବା ବେଳେ ମୌସୁମୀ ଦାସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ଭିଏସଏସୟୁଟି'ର ପ୍ରଫେସର୍ ଗଣେଶ୍ୱର ନାଥ, କିଟ୍'ର ରସାୟନ ପ୍ରଯୁକ୍ତି ବିଦ୍ୟା ବିଭାଗ ଡିନ ଡ. ସୁରଜ୍ କୁମାର ତ୍ରିପାଠୀ ଦେଇଥିଲେ ଭି ଏସ ଏସ ୟୁ ଟି ର ପ୍ରଫେସର୍ ଗଣେଶ୍ୱର ନାଥ, କିଟ୍ ର ରସାୟନ ପ୍ରଯୁକ୍ତିବିଦ୍ୟା ବିଭାଗର ଡିନ ଡ. ସୁରଜ୍ କୁମାର ତ୍ରିପାଠୀ, ଭାରତୀୟ ରବର୍ ଅନୁଷ୍ଠାନର ସହକାରୀ ନିର୍ଦ୍ଦେଶକ ସୁଚିଶ୍ମିତା ସାହୁ, ଏଫ୍ ବର୍ଗ ବୈଜ୍ଞାନିକ ଡ. ସୁକାନ୍ତ ଦାସ ଏବଂ ଆଇଏମ୍ଏମ.ଟି ର ଅଧକ୍ଷ ଡ. ମନୀଷ କୁମାର, ବରିଷ୍ଠ ବୈଜ୍ଞାନିକ ଡ. କେଯେ ଶଙ୍କରନ, ଇଂ. ଆର ସତୀଶ ଓ ସନ୍ତୋଷ ଦେବ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବିବାହ ବାର୍ଷିକୀ ଅବସରରେ ବୃକ୍ଷରୋପଣ



ବସ୍ତା, ୧୬/୦୨ (ନି.ପ୍ର): ପ୍ରେମ ଶାଶ୍ୱତ ପ୍ରେମ ଚିରନ୍ତନ ପ୍ରେମର ପରିଭାଷା ପବିତ୍ର ବନ୍ଧନ । ଏଇ ପବିତ୍ର ବନ୍ଧନରେ ୧୫ ବର୍ଷର ପୂର୍ତ୍ତି ଅବସରରେ ବିବାହ ବାର୍ଷିକି ପାଳନ କଲେ ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଯେନା ଓ ତାଙ୍କ ସହଧର୍ମୀଣି ସତ୍ୟଭାମା ଯେନା । ଏ ନେଇ ବିଭିନ୍ନ ସ୍ଥାନ ବୁଲି ବୃକ୍ଷରୋପଣ କଲେ । ଏହି ଅବସରରେ ବସ୍ତା ବ୍ଲକ ମଥାନୀ ପଞ୍ଚାୟତ କଟିପୋଲ ବାସନ୍ତି ପ୍ଲାଜା ଉଦ୍ୟାନ ପରିସର ରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ ହେବା ସହିତ ଏକ ପଥପ୍ରାନ୍ତର ସଭା ଆୟୋଜନ ହୋଇଥିଲା । ଅତିଥିଭାବେ ସୁମନ୍ତ କୁମାର ଜେନା, ସୁଲୋଚନା ଜେନା, ସମାଜସେବୀ ଅମରକୁମାର ପାଳ, ବରିଷ୍ଠ ସାମ୍ବାଦିକ ବିଜୟକୁମାର ଭୂୟାଁ, ସାମ୍ବାଦିକ ରାଜେଶ କୁମାରଗିରି, ସାମ୍ବାଦିକ ରାଜେଶ ବେହେରା, ଅନ୍ତର୍ଯ୍ୟାମି ରାଉଳ, ଅବଦୁଲ ଅବକର, ଅର୍ପିତା ରାଉଳ, ଶିବନାରାୟଣ ମାଝି ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ଗଛ ଲଗାଇଲେ ଆମ ପରିବେଶ ସୁରକ୍ଷା ବୃକ୍ଷ ହିଁ ଜିବନ ରକ୍ଷା କରିବାର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେହିପରି ମେଳକ ଜାଗୃତି ସେବାଶ୍ରମରେ ମଧ ବୃକ୍ଷ ରୋପଣ କରି ରୂପସା ପିଛିବଣିଆଁ ବୈଦିକ ଗୁରୁକୁଳ ଆଶ୍ରମର ସଂଚାଳକ ତଥା ସମସ୍ତ ଆଶ୍ରମ ବାସୀ ତଥା ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବାଣ୍ଟି ଖୁସୀ ମନାଇଥିଲେ ।

## ତୁର୍କି ଭୂମିକମ୍ପ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ପାଇଁ ସିପିଆଇ(ଏମ୍)ର ରିଲିଫ ସଂଗ୍ରହ

ଜଳେଶ୍ୱର, ୧୬/୨(ନି.ପ୍ର): ଦୁଃଖ ଦୁର୍ବିପାକ ବେଳେ ଦୁର୍ଗତଙ୍କ ନିକଟରେ ସିପିଏମ୍ ଛିଡା ହୋଇ ଆସିଛି । ଏବେ ତୁର୍କିରେ ଭୂମିକମ୍ପ କ୍ଷତିଗ୍ରସ୍ତଙ୍କ ସାହାର୍ଯ୍ୟ ପାଇଁ ଜଳେଶ୍ୱର ସିପିଆଇଏମ୍ ପକ୍ଷରୁ ରିଲିଫ ସଂଗ୍ରହ ଆରମ୍ଭ ହୋଇଛି । ଅଦ୍ୟାବଧି ପ୍ରାୟ ୪୦ହଜାରରୁ ଅଧିକ ଲୋକଙ୍କ ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ୫୦ଲକ୍ଷରୁ ଅଧିକ ଲୋକ ବାସହୀନ ହୋଇ ପଡିଛନ୍ତି । ପ୍ରାୟ ଦେଢକୋଟି ଲୋକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡାକ୍ତରଖାନା, ସ୍କୁଲ କଲେଜ, ଧର୍ମସ୍ଥାନ ଓ ରାଜରାସ୍ତାରେ ଲୋକେ ମୁଣ୍ଡ ଗୁଞ୍ଜିଛନ୍ତି । ବିଶ୍ୱର ବିଭିନ୍ନ ଦେଶ ତୁର୍କୀକୁ ସହାୟତା ପଠାଉଛନ୍ତି । ତୁର୍କି କମ୍ୟୁନିଷ୍ଟ ପିଡିତଙ୍କ ପାଖରେ ଛିଡା ହେବାକୁ ଚେଷ୍ଟା ଆରମ୍ଭ କରିଥିବାରୁ ମାନବିକତା ଦୃଷ୍ଟିରୁ ଜଳେଶ୍ୱରରୁ ରିଲିଫ ସଂଗ୍ରହ କରି ପଠାଯିବ ବୋଲି ଦିଲ୍ଲିପ କୁମାର ଗିରି, ପଲଟୁ ଦାସ, ଜିବନ ପରିଡା, ମହାମାୟା ରାଜ, ଅଜିତ୍ ଦାସ, ଶ୍ରୀକାନ୍ତ ଜେନା ପ୍ରମୁଖ କହିଛନ୍ତି ।

## ବିଏମସିର ନୂତନ କୋଠା ଉଦ୍‌ଘାଟିତ

ଭୁବନେଶ୍ୱର,୧୬/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ନୂଆ କାର୍ଯ୍ୟାଳୟର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସତ୍ୟନଗର ଠାରେ ନିର୍ମିତ ଆଇସିଏମଓସି ୧୨ ମହଲା ବିଶିଷ୍ଟ କୋଠାକୁ ସ୍ଥାନାନ୍ତର ହୋଇଛି ବିଏମସି କାର୍ଯ୍ୟାଳୟ । ଆଇସିଏମଓସି କୋଠା ସମ୍ପର୍କିତ ଭିଡିଓ ସ୍କ୍ରିନିଂ ପରେ ବିଏମସି ପକ୍ଷରୁ ପ୍ରସ୍ତୁତ ସଫା ଆପକୁ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ଶାମୁକା ଗୋଟାଳି ସଙ୍ଘ ପକ୍ଷରୁ ସାତ ଦଫା ଦାବି ନେଇ ଲଙ୍ଗଳେଶ୍ୱର ଫରେଷ୍ଟର ଅଫିସ ଆଗରେ ଗଣ ବିକ୍ଷୋଭ




ଲଙ୍ଗଳେଶ୍ୱର, ୧୬/୦୨ (ନି.ପ୍ର): ଆଜି ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଫରେଷ୍ଟର ଅଫିସ ସାମ୍ନାରେ ସାତ ଗୋଟି ଦାବିନେଇ ଶୁଭଶଙ୍ଖ ଓ ଶଙ୍ଖନାଦ ଶାମୁକା ଗୋଟାଳି ସଙ୍ଘ ପକ୍ଷରୁ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାବା ଲଙ୍ଗଳେଶ୍ୱର ପୀଠରୁ ଶହ ଶହ ବିକ୍ଷୋଭ କାରୀ ବିରାଟ ଶୋଭାଯାତ୍ରାରେ ବାହାରି ଫରେଷ୍ଟର ଅଫିସ ସାମ୍ନା ରେ ପହଞ୍ଚି ଥିଲେ। ସଙ୍ଘ ର ମୁଖ୍ୟ ଉପଦେଷ୍ଟା ସମାଜସେବୀ ସୁବଳ ଚନ୍ଦ୍ର ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲିଆପାଳ ର ଚୌମୁଖ କଙ୍କଡାପାଳ ଠାରୁ ସଦର ବ୍ଲକର କଷାଫଳ ଯାଏ ସମୁଦ୍ର ବେଳାଭୂମି ରେ ମଲା ଶାମୁକା ଗୋଟାଇ ଗରିବ ଦଳିତ ଲୋକ ନିଜର ଜୀବିକା ନିର୍ବାହ କରନ୍ତି । ଏମାନଙ୍କ ସୁରକ୍ଷା,ଶାମୁକା ବିକ୍ରି ପାଇଁ ବଜାର ସୃଷ୍ଟି କରିବା, ନ୍ୟାର୍ଯ୍ୟ ଅଧିକାର ପାଇଁ ଶ୍ରୀ ଦାସ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା କ୍ଷିତିସ ଜେନା, ଶଙ୍ଖନାଦ ଶାମୁକା ଗୋଟାଳି ସଂଘର ସଭାପତି ଝାଡେଶ୍ୱର ପାତ୍ର, ଶୁଭଶଙ୍ଖ ସଂଘର ସଭାପତି ମିନାରାଣୀ ପାତ୍ର, ହାବୁଲୁ କଅଁର, ପୁରୁଷୋତ୍ତମ ମାଝୀ, ଘନଶ୍ୟାମ ସାହୁ, ମୃତ୍ୟୁଞ୍ଜୟ ଦଳାଇ, ନିରଞ୍ଜନ ରାଉତ, ଉଷା ମଣି ସାହୁ, ରଙ୍ଗଲତା ଦଳାଇ, ଜୟନ୍ତୀ ବେହେରା, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଶିଳା ବେହେରା, ରେବତୀ ବେହେରା, ରମେଶ ପରିଡା, ବାବୁଧର କଡ଼ାଇ, ଟୁକୁ ଦଳାଇ, ଜୟ ରାମ ବେହେରା, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୧୫/୦୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କୁମାର ପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଜେନା ଏଥିରେ ସଭାପତିତ୍ୱ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ସାହିତ୍ୟିକ ସର୍ବେଶ୍ୱର ଦାସ, ଶିକ୍ଷାବିତ ଗଙ୍ଗାଧର ପରିଡା, ଗୋବର୍ଦ୍ଧନ ପତି, ସୁରେଶ ଚନ୍ଦ୍ର ପାଢ଼ୀ, ବଳରାମ ସାହୁ, ଶ୍ରୀକାନ୍ତ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ ସ୍ୱାଇଁ, କୁମାର ପୁର ଗ୍ରାମ ପଂଚାୟତ ସରପଞ୍ଚ ଗାୟତ୍ରୀ ମାଝୀ, ସମିତି ସଭ୍ୟ ସୁଶାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ସଭାରେ ସିଆରସିସି ଅମୀୟ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷକ ନୀଳାଦ୍ରି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଫିନିକ୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ



ବାସୁଦେବପୁର, ୧୫/୦୨ (ନି.ପ୍ର): ବାସୁଦେବପୁର ସହରରେ ଥିବା ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ଓଡିଶା ବିଧାନସଭାର ସଚିବ ଦାଶରଥି ଶତପଥୀ, ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ର ଅବସରପ୍ରାପ୍ତ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ଼କ୍ଟର ଶ୍ରୀରୂପ ଗୋସ୍ୱାମୀ ପ୍ରମୁଖ ଅତିଥି ଓ ବକ୍ତା ଭାବରେ ଯୋଗ ଦେଇ ଶିକ୍ଷା, ସାହିତ୍ୟ, ସଂସ୍କୃତି, ଧର୍ମ ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ର ମୁଖପତ୍ର ସୃଜନୀ ଏବଂ କବି ଅଭିମନ୍ୟୁ ବେହେରାଙ୍କ ଅନୁବାଦ ପୁସ୍ତକ ଚାନ୍ଦ ପର୍ବତ ଉନ୍ମୋଚିତ ହୋଇଥିଲା । କୃତି ଛାତ୍ର ଚନ୍ଦନ ଖିଲାର, ରାଜଶ୍ରୀ ମାଝୀ, ରଂଜିତ ମଲିକଙ୍କୁ ସମ୍ମାନିତ କରାଯାଇଥିଲା । ଫିନିକ୍ସ ବିଦ୍ୟାଳୟ ର ପୁରାତନ ମେଧାବୀ ଛାତ୍ର ବିଶ୍ୱ ରଞ୍ଜନ ଭଦ୍ରା, ଡ଼କ୍ଟର ଜ୍ଞାନ ରଞ୍ଜନ ପଣ୍ଡା, ଡାକ୍ତର ପ୍ରେମାଞ୍ଜଳି ଜେନା, ରୋମାଳିନ ପଟ୍ଟନାୟକ, ଗୌତମ ସାହୁ, ସଞ୍ଜୟ ବେହେରା, ଡାକ୍ତର ପରମେଶ୍ୱର ମଣ୍ଡଳଙ୍କୁ ଏହି ଉତ୍ସବ ରେ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷାବିତ ଓ କବି ସୁଧାଂଶୁ ଶେଖର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । କବି ଅଚ୍ୟୁତାନନ୍ଦ ପାଢ଼ୀ ଖୁବ ଆକର୍ଷଣୀୟ ମଞ୍ଚ ସଂଯୋଜନା କରିଥିଲେ । ଫିନିକ୍ସ ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ର ଶେଖର ବେହେରା ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନାଟକ କୋରନାକୁ ତୁମେ ଡରନା ମଞ୍ଚସ୍ଥ ହୋଇଥିଲା ଏବଂ ନୃତ୍ୟ, ସଂଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଆଗକୁ ଆସୁଛି ନିର୍ବାଚନ : ଆରମ୍ଭ ହେଲା ତାଳ ତେନ୍ତୁଳି ଦେଖାଇ ଭୋଟ ନେବାର କସରତ




ଉଦଳା, ୧୬/୦୨ (ନି.ପ୍ର): ଆଗକୁ ଆସୁଛି ଲୋକସଭା ଓ ବିଧାନସଭା ନିର୍ବାଚନ। ସେଥିପାଇଁ ଉଦଳା ରାଜନୀତିର ପାଣିପାଗ ଦିନକୁ ଦିନ ସରଗରମ ହେବାରେ ଲାଗିଛି । ଲୋକଙ୍କୁ ତାଳ ତେନ୍ତୁଳି ଦେଖାଇ ଭୋଟ ନେବାର ରଣ କୌଶଳରେ ବିଭିନ୍ନ ରାଜନୈତିକ ଦଳ ତରଫରୁ କିଛିଦିନ ହେବ ତତ୍ପରତା ପ୍ରକାଶ ପାଇଥିବାର ପରିଲକ୍ଷିତ ହେଉଛି । ଏ କ୍ଷେତ୍ରରେ ଗୋଟି ଚାଳନାରେ ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତାଦଳ ସମସ୍ତଙ୍କ ଠାରୁ ଆଗରେ ଥିବାର ଜଣାଯାଇଛି । ଚଳିତ ଫେବୃଆରୀ ୧୩ ତାରିଖ ସୋମବାର ଦିନ ବିଜୁ ଜନତା ଦଳ ତରଫରୁ କେନ୍ଦ୍ର ସରକାର ଚଳିତ ବର୍ଷ ୨୦୨୩-୨୪ ରେଳ ବଜେଟରେ ମୟୂରଭଞ୍ଜ ଜିଲ୍ଲାକୁ ଉପେକ୍ଷିତ କରିଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ ସହିତ ଗଣଧାରଣାର ପର୍ବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ନେତା ମାନେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବେଶ ଭଲ ଭାବରେ ବର୍ଷିଥିଲେ । ଏହାର ଠିକ୍ ୨ ଦିନ ପରେ ଅର୍ଥାତ ଫେବୃଆରୀ ୧୬ ତାରିଖ ଗୁରୁବାର ଦିନ ଭାରତୀୟ ଜନତା ପାର୍ଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଡ଼କାଗଲା । ଏଥିରେ ବିଧାୟକ ଭାସ୍କର ମଢ଼େଇ ନୀଳଗିରି ଠାରୁ ଟାଟା ନଗର ଭାୟା କପ୍ତିପଦା, ଉଦଳା, ଖୁଂଟା ଓ ବାରିପଦା ମୋଟ ୨୨୩ କିମି ରେଳପଥ ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି , ଏଥିପାଇଁ ଜମି ଅଧିଗ୍ରହଣରେ ରାଜ୍ୟ ସରକାର ସହଯୋଗ କଲେ ଖୁବ୍ ଶିଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ଜଣାଇଥିଲେ । ଏହାପରେ ସାମ୍ବାଦିକ ମାନଙ୍କୁ ପ୍ରଶ୍ନ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇଥିଲା । ଅଶ୍ୱନୀ ବୈଷ୍ଣବ ଯିଏକି ବର୍ତମାନ ରେଳବାୟୀ ମନ୍ତ୍ରୀ ଅଛନ୍ତି, ସେ ରାଜ୍ୟ ସଭାକୁ ବିଜୁ ଜନତା ଦଳରୁ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ଓ କେନ୍ଦ୍ର ସରକାରଙ୍କର ରେଳବାଇ ବିଭାଗର ଦାୟିତ୍ୱ ତୁଲାଉଛନ୍ତି । ମୋଟା ମୋଟି ଭାବରେ ବିଜେପି ଓ ବିଜେଡ଼ିର ମିଳିତ ମନ୍ତ୍ରୀ ଶ୍ରୀଯୁକ୍ତ ବୈଷ୍ଣବ ଅଟନ୍ତି । ତେଣୁ ଜମି ଅଧିଗ୍ରହଣରେ ଅସୁବିଧା ହେବ କାହିଁକି ବୋଲି ସାମ୍ବାଦିକ ମାନେ ପ୍ରଶ୍ନ କରିଥିଲେ । ଏହାର କୌଣସି ଉତର ନଦେଇ ସମସ୍ତେ ନୀରବ ରହିଥିଲେ । ଏହାପରେ ସାମ୍ବାଦିକ ମାନେ ପୁଣି ପ୍ରଶ୍ନ କରିଥିଲେ ଆଜକୁ ୫ ବର୍ଷ ପୁର୍ବେ ଉଦଳାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହେବ ବୋଲି କହି ଭାଜପା ଭୋଟ ନେଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇନାହିଁ କାହିଁକି ? ଏତିକି ବେଳେ ଭାଜପାର ଜଣେ ଆଗଧାଡ଼ିର ନେତା ଗର୍ଜି ଉଠିଥିଲେ, 'ଆଜିର ପ୍ରସଙ୍ଗ କେନ୍ଦ୍ରୀୟ ବିଦ୍ୟାଳୟ ନୁହେଁ, ଆଜି କେବଳ ରେଳ ଲାଇନ କଥା ଆଲୋଚନା ହେବ ।' ଏହିଭଳି ଲୋକଙ୍କୁ ତାଳ ତେନ୍ତୁଳି ଦେଖାଇ ଭୋଟ ନେବାର କସରତ ର ପର୍ବ ଉଦଳାରେ ଆରମ୍ଭ ହୋଇଛି ।

ଧ୍ୱନି ପ୍ରତିଧ୍ୱନି

# ପରିବେଶ-ସୂଚନା-ସଚେତନତା ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଜଳେଶ୍ୱର, ୧୬/୦୨ (ନି.ପ୍ର): ମଣିଷର ଜୀବନ ପ୍ରଣାଳୀରେ ପରିବେଶ ପ୍ରଦୋଷିତ ବିଭିନ୍ନ କାରଣରୁ ହେଉଥିବା ବେଳେ ସ୍ଥାୟୀ ଜୀବନ ପ୍ରଣାଳୀରେ ଜୈବ ବିଭିଦତାରେ ଶିକ୍ଷାର୍ଥୀଙ୍କୁ ଭୂମିକା ସଂପର୍କରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଭାବି ନାଗରିକଙ୍କୁ ପରିବେଶ ସନ୍ତୁଳନର ସୁରକ୍ଷାଲାଗି ସୂଚନା ଓ ସଚେତନତା ଅଣାଯିବା ଉଚିତ ବୋଲି ଆଜି ଉପସ୍ଥିତ ବୈଜ୍ଞାନୀକମାନେ ମତବ୍ୟକ୍ତ କରିଛନ୍ତି । ନେତୁଆ ପଂଚାୟତର ସାହାପୁର ଗ୍ରାମଠାରେ ଆୟୋଜିତ ସେ ଅଂଚଳର ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରିବେଶ ସଂପର୍କରେ ସଚେତନ କରିବାଲାଗି ଏକ କାର୍ଯ୍ୟକ୍ରମ ହେମଚନ୍ଦ୍ର ସୀମାନ୍ତ ସଂସ୍କୃତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୈଜ୍ଞାନୀକ ଡ. ସୁଶିଲ କୁମାର ଦତ୍ତ ସଂଯୋଜନା କରିଥିଲେ । ଏଥିରେ କୋଲକତାସ୍ଥିତ ଇଆଇଏଜିପି (ଫାଉନା)ର ବୈଜ୍ଞାନୀକ ଡ. ରାଜମୋହନ କେ, କୋଲକତା ମିସନ ଲାଇଫର ନୋଡାଲ ଅଫିସର ବୈଜ୍ଞାନୀକ ଦେବଶ୍ରୀ ଡମ୍, ବୈଜ୍ଞାନୀତ ପ୍ରତ୍ୟୁଶ ପି ମହାପାତ୍ର, ବୈଜ୍ଞାନୀକ ଡ. କୌଶିକ ଦେଉତି, ବୈଜ୍ଞାନୀକ ଡ. ତ୍ରିଦିପ କୁମାର ଦତ୍ତ, ବାପାଦୀପ୍ତ ସାମନ୍ତ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣ, ପାଣି ସଂରକ୍ଷଣ, ପ୍ଲାଷ୍ଟିକକୁ ନାଁ, ସୌରଶକ୍ତିର ବ୍ୟବହାର, ବାୟା କମ୍ପୁଷ୍ଟର ବ୍ୟବହାର, ଭୂତଳ ଜଳର ରିଚାର୍ଜ, ଏପରିକି ପଶୁ ପକ୍ଷୀ ଠାରୁ ମଣିଷ ପର୍ଯ୍ୟନ୍ତ ସେମାନଙ୍କ ଜୀବନ ଶୈଳୀର ଅପରିବର୍ତ୍ତନ ଓ ସୁରକ୍ଷା ନିମନ୍ତେ ସମସ୍ତେ କାର୍ଯ୍ୟକରିବା ଉଚିତ ବୋଲି ପ୍ରଜେକ୍ଟର ମାଧ୍ୟମରେ ବୁଝାଇଥିଲେ । ଆସନ୍ତା ଦିନରେ ଏପରି କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ବ୍ଲକ ଓ ଜିଲା ସ୍ତରରେ ହେବ ବୋଲି କେନ୍ଦ୍ର ସରକାରଙ୍କ ପରିବେଶ, ଜଂଗଲ, ପାଣିପାଗ ବିଭାଗ ସ୍ଥିର କରିଥିବା ଏହି ବୈଜ୍ଞାନୀକମାନେ ସୂଚନା ଦେଇଥିଲେ । ଗ୍ରାମ ଓ ସହରାଞ୍ଚଳରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ହେବା ସଂପର୍କରେ ଶିକ୍ଷାର୍ଥି ମାନଙ୍କୁ ସୂଚନା ଦେଇଥିଲେ । ଆସନ୍ତା ଦିନରେ ସୌରଶକ୍ତିକୁ ଅଧିକ କାମରେ ଲଗାଇବାକୁ ସେମାନେ ସଚେତନ କରିଥିଲେ ।

# ବାରିପଦା ପିଆରଏମ୍ ମେଡିକାଲ କଲେଜରେ ମାଗଣା ଅସ୍ତ୍ରୋପଚାର ଶିବିର



ବାରିପଦା, ୧୬/୦୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ପିଆରଏମ୍ ମେଡିକାଲ କଲେଜ ମିଳିତ ଆନୁକୂଲ୍ୟରେ ହସପିଟାଲ କ୍ୟାମ୍ପସ ଠାରେ ଚାଲିଛି ମଲ୍ଟି ଡିସିପ୍ଲିନାରୀ ସରଜିକାଲ କ୍ୟାମ୍ପ(ଅସ୍ତ୍ରୋ ପଚାର ଶିବିର) । ଗତ ୧୩ ତାରିଖ ଠାରୁ ଏହି ମାଗଣା ଚିକିତ୍ସା ଶିବିର ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଇତି ମଧ୍ୟରେ ଏହି ମାଗଣା ଅସ୍ତ୍ରୋପଚାର ଶିବିର ୩ଦିନରେ ପହଞ୍ଚିଛି । ରୋଟାରୀ କ୍ଲବ ବାରିପଦା ସହାୟତାରେ ରୋଟାରୀ ମେଡିକାଲ ମିଶନ ପକ୍ଷରୁ ରାହତ ନାମକ ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣାରେ ସେବା ଯୋଗାଇ ଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ନାମୀଦାମୀ ଡାକ୍ତରୀ ଦଳ ଆସି ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ହସପିଟାଲ ଠାରେ ମାଗଣାରେ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିର ଅସ୍ତ୍ରୋପଚାର(ଅପରେସନ) କରୁଛନ୍ତି । ସୂଚନା ମୁତାବକ ଏହି ୮ଦିନିଆ ମାଗଣା ସ୍ୱାସ୍ଥ୍ୟ ଶିବିରରେ ଚକ୍ଷୁ ଅପରେସନ ଠାରୁ ଆରମ୍ଭ କରି ଅର୍ଥୋପେଡିକ, ପ୍ଲାଷ୍ଟିକ ସର୍ଜରୀ, ଜେନେରାଲ ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ରୋଗ, ଚର୍ମରୋଗ, ୟୁରୋଲଜି, ଦନ୍ତଚିକିତ୍ସା, ଇଏନଟି(କର୍ଣ୍ଣ ନାଶା ଗଳା) ଅପରେସନ କରାଯାଉଛି । ଏଥି ନିମନ୍ତେ ୨୦ଜଣ ଅଭିଜ୍ଞ ଡାକ୍ତରଙ୍କ ସମେତ ସେମାନଙ୍କ ସହିତ ୧୧ଜଣରୁ ଅଧିକ ଅନୁଭବୀ ସ୍ୱେଚ୍ଛାସେବୀ ଆସିଛନ୍ତି । ସେମାନଙ୍କ ମଧ୍ୟରେ ଶିମିଳାରୁ ଆନାସ୍ଥେସିଆ (ନିଶ୍ଚେତକ) ଡାକ୍ତର ସୁରେନ୍ଦ୍ର ସିଂ, ମହାରାଷ୍ଟ୍ର ସାତାରାରୁ ଡାକ୍ତର ଶଙ୍କର ମାରୁତି ଗୋସାଭୀ, ଚଣ୍ଡିଗଡରୁ ଚର୍ମ ରୋଗ ବିଶେଷଜ୍ଞ ଡା ଭୂଷଣ କୁମାର, ଝାଡଖଣ୍ଡ ଦେଓଘରରୁ କର୍ଣ୍ଣନାଶା ଗଳାର ବିଶେଷଜ୍ଞ ଡା କେଏସ ବିଏସ କ୍ରିଷ୍ଣା ଶଶାଙ୍କ ପ୍ରମୁଖ ଆସିଛନ୍ତି । ସୂଚନା ମୁତାବକ ତୃତୀୟ ଦିନ ବୁଧବାରର ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ଚର୍ମରୋଗ ବାବଦରେ ୪୨୫ଜଣ ଚିକିତ୍ସିତ ହୋଇଥିବା ବେଳେ ଦୁଇଜଣଙ୍କର ଅସ୍ତ୍ରୋପଚାର କରାଯାଇଛି ସେପଟେ କର୍ଣ୍ଣନାଶା ଓ ଗଳା ଚିକିତ୍ସା ପାଇଁ ୫୮ଜଣ ଆସିଥିବା ବେଳେ ୬ଜଣଙ୍କର ଅସ୍ତ୍ରୋପଚାର କରାଯାଇଛି । ସେହିପରି ଆଖି ଦେଖାଇବାକୁ ୨୨୬ଜଣ ଆସିଥିବା ବେଳେ ୫୨ଜଣଙ୍କର ଅସ୍ତ୍ରୋପଚାର କରାଯାଇଛି । ଅସ୍ଥିଶଲ୍ୟ ସମସ୍ୟା ଜନିତ ୮୨ଜଣ ରୋଗୀ ଆସିଥିବା ବେଳେ ୧୩ଜଣଙ୍କର ଅସ୍ତ୍ରୋପଚାର କରାଯାଇଛି । ସ୍ତ୍ରୀ ଓ ପ୍ରସୂତି ରୋଗ ସମ୍ବନ୍ଧୀୟ ଚିକିତ୍ସା ପାଇଁ ୧୧୪ଜଣ ଆସିଥିବା ବେଳେ ୩୧ଜଣ ସଫଳ ଅସ୍ତ୍ରୋପଚାର କରାଯାଇଛି । ସେହିପରି ଜେନେରାଲ ସର୍ଜରୀ ପାଇଁ ୭୬ଜଣଙ୍କ ମଧ୍ୟରୁ ୩୫ଜଣଙ୍କର ଅସ୍ତ୍ରୋପଚାର କରାଯାଇଥିବା ବେଳେ ପ୍ଲାଷ୍ଟିକ ସର୍ଜରୀ ପାଇଁ ୪୨ଜଣଙ୍କ ମଧ୍ୟରୁ ୧୨ଜଣଙ୍କର ସଫଳ ଅସ୍ତ୍ରୋପଚାର କରାଯାଇଛି । ମୋଟ ୧୦୨୫ଜଣ ଆଉଟଡୋର ରୋଗୀଙ୍କ ମଧ୍ୟରୁ ୧୫୧ଜଣଙ୍କର ବିଭିନ୍ନ ଅସ୍ତ୍ରୋପଚାର ହୋଇଥିବା ସୂଚନା ମିଳିଛି ।



ଆଦାନି ଧାମରା ପୋର୍ଟରୁ ପ୍ରଥମ ଥର କୃଷିଜାତ ପଣ୍ୟ ଦ୍ରବ୍ୟ ରପ୍ତାନୀ ଆରମ୍ଭ

# ନାଇଡୁ କଲେଜର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା, ୧୬/୦୨ (ନି.ପ୍ର): ନାଇଡୁ କଲେଜର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଘାଟକ ଭାବରେ ଓଲିଉଡ ଜଗତର ବିଶିଷ୍ଟ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ । ସେହିପରି ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧକ୍ଷା ରୁପଶ୍ରୀ ରାଣୀ ଗୁମାନ ସିଂହ, ମୁଖ୍ୟବକ୍ତା ଭାବରେ ଅଭିଲାଷ ପଣ୍ଡା, ସମ୍ମାନୀୟ ବକ୍ତା ଭାବରେ ଡାକ୍ତର ଶୁଭ କୁମାର ଦାସ, ନାଇଡୁ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଏ.କେ. ନାଇଡୁ, ସିନେ ତାରକା ଶୈଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ଗୁମାନସିଂହ କଲେଜକୁ କେମିତି ଉତମ ଯୋଗାଯୋଗ ହୋଇପାରିବ ସେ ନେଇ ସହଯୋଗର ହାତ ବଢାଇବେ ବୋଲି କହିଛନ୍ତି । ତା ସହ ଅନ୍ୟାନ୍ୟ ସହଯୋଗ କରିବେ ବୋଲି କହିଛନ୍ତି । ସେହିପରି ଏ.କେ. ନାଇଡୁ ଛାତ୍ରଛାତ୍ରୀଙ୍କୁ କିପରି ଆଗକୁ ବଢ଼ିବେ ସେ ନେଇ ଉଦବୋଧନ ଦେଇଥିଲେ । ଏହା ସହ ନାଇଡୁ ଆଗକୁ କିପରି ଅଗ୍ରଗତି କରିବ ସେ ନେଇ ଛାତ୍ରଛାତ୍ରୀଙ୍କୁ କହିଥିଲେ । ସମ୍ମାନୀୟ ବକ୍ତା ଭାବରେ ଡାକ୍ତର ଶୁଭ କୁମାର ଦାସ ସମାଜ କିପରି ଆଗକୁ ବଢିବ ସ୍ୱଚ୍ଛତାର ସହ ସେ ନେଇ କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଅଭିଲାଷ ପଣ୍ଡା ରାଷ୍ଟ୍ରୀୟ ଶିକ୍ଷାନୀତି କିପରି ଶିକ୍ଷାକ୍ଷେତ୍ରରେ ନୂଆମୋଡ ଆଣିବ ସେ ନେଇ ବକ୍ତବ୍ୟ ରଖିବା ସହ, ଛାତ୍ରଛାତ୍ରୀ କିପରି ନିଜ ଲକ୍ଷ୍ୟସ୍ଥଳରେ ପହଁଚିବେ ସେ ନେଇ ମତ ରଖିଥିଲେ, ଏହା ସହ ଆସୁଥିବା ଯୁକ୍ତ ଦୁଇ ପରୀକ୍ଷାରେ ସେମାନଙ୍କର ସଫଳତା କିପରି ଶୀର୍ଷରେ ପହଁଚିବ ସେ ନେଇ କହିଥିଲେ । ମୁଖ୍ୟ ଅତିଥି ସିଦ୍ଧାନ୍ତ ମହାପାତ୍ର ପିଲାମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ । ଜେଇଇ ମେନରେ ୯୬% ରଖିଥିବା ଗୋପାଳ ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା ।

# ସ୍ରଷ୍ଟା ନାଟକ ମହୋତ୍ସବର ପଞ୍ଚମ ସଂଧ୍ୟା



ବାଲେଶ୍ୱର, ୧୬/୦୨ (ନି.ପ୍ର): ରାଜ୍ୟରୁ ଚାଉଳ ଉଠାଇବାରେ ଟାଳଟୁଳ ନୀତି ସାଙ୍ଗକୁ ଧାନ କ୍ରୟ ପରିମାଣ କେନ୍ଦ୍ର ସରକାର ହ୍ରାସ କରିବାକୁ ନେଇ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମ । ଏହି ପରପ୍ରେକ୍ଷୀରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି । ବ୍ଲିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । ସଦର ବାଲେଶ୍ୱର, ୧୬/୦୨ (ନି.ପ୍ର): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଚାଲିଥିବା 'ସ୍ରଷ୍ଟା'ର ୪୫ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଗୁରୁବାର ପଞ୍ଚମ ସଂଧ୍ୟାରେ ମଞ୍ଚସ୍ଥ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକ 'ଅଶାନ୍ତ ଅର୍ଜୁନ'କୁ ଦର୍ଶକେ ବେଶ ପ୍ରଶଂସା କରିଛନ୍ତି । ପଞ୍ଚମ ସଂଧ୍ୟାର ନାଟକ ଉତ୍ସବକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଉଦଘାଟନ କରିଥିଲେ । ଉତ୍କଳୀୟ ମଞ୍ଚ ନାଟ୍ୟକଳାକୁ ଉଜ୍ଜୀବିତ ରଖିବାକୁ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା' ପକ୍ଷରୁ ସପ୍ତାହବ୍ୟାପୀ ଚାଲିଥିବା ଏହି ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ବେଶ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ମ୍ୟାକ ଗ୍ଲୋବାଲ ମିଡିଆ ମୁଖ୍ୟ ପରିଚାଳନା ଅଧିକାରୀ ଶଙ୍କର୍ଷଣ ଶିଅଳ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ସ୍ରଷ୍ଟାର ସଭାପତି ଆଲୋକ କୁମାର ସାହୁ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ରାଜ୍ୟସ୍ତରୀୟ ନାଟ ମହୋତ୍ସବ ଓ ନାଟକ ସମ୍ପର୍କରେ ସୂଚନା ଦେଇଥିଲେ । ସ୍ରଷ୍ଟା ପରିବାରର ସଦସ୍ୟ ରତିକାନ୍ତ ମଲିକ ଏଥିରେ ସଂଯୋଜନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏକ୍ଷ୍ମୀଦେବୀଙ୍କ ସ୍ମୃତିରେ ସମର୍ପିତ ପଞ୍ଚମ ସଂଧ୍ୟାରେ ରାଉରକେଲାର ଖ୍ୟାତନାମା ନାଟ୍ୟାନୁଷ୍ଠାନ 'ସମ୍ପର୍କ'ର ଦକ୍ଷ କଳାକାରଙ୍କ ଦ୍ୱାରା ଅଭିନିତ ନାଟକ 'ଅଶାନ୍ତ ଅର୍ଜୁନ' ଦର୍ଶକଙ୍କୁ ବେଶ ମୁଗ୍ଧ କରିଛି ।

## ଜିଲ୍ଲା ଛାତ୍ର କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର, ୧୬/୦୨ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ସେମିନାର ବେଳେ ଜେଏନୟୁ ପ୍ରଫେସରଙ୍କୁ ଏବିଭିପି ଛାତ୍ରନେତାଙ୍କ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛି ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ । ଏହି ପିପ୍ରେକ୍ଷୀରେ ଛାତ୍ର କଗ୍ରେଂସ ପକ୍ଷରୁ ଗୁରୁବାର ଫକୀର ମୋହନ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଯୁବନେତା ଭବାନୀ ମହାଲିକ, ଜିଲା ଛାତ୍ର କଂଗ୍ରେସ ଉପ-ସଭାପତି ଜୀବନ ମହାପାତ୍ର, ସାଧାରଣ ସମ୍ପାଦକ ନବ ପ୍ରସାଦ ଭୂୟାଁ, ସୌରଭ ବେହେରା, ସମ୍ପାଦକ ଶାନ୍ତନୁ ମହାଲିକ, ଛାତ୍ରନେତା ଚନ୍ଦନ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ଛାତ୍ର ସଂଗଠନ ଏବିଭିପିର ବିଶୃଙ୍ଖଳିତ ଆଚରଣ ଅପରିଣାମଦର୍ଶୀ କାର୍ଯ୍ୟକୁ କଡ଼ା ସମାଲୋଚନା କରିଥିଲେ । ପ୍ରଫେସରଙ୍କ ଉପରକୁ ହାତ ଉଠାଇଥିବା ଛାତ୍ରନେତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଦେ, ଚନ୍ଦନ ମାଝୀ, ସୁମନ ପରିଡ଼ା, ଗଣେଶ ପାତ୍ର, ଜ୍ୟୋତିପ୍ରକାଶ ଜେନା, ମନୋଜ ଖୁଣ୍ଟିଆ, ବିବେକ ସାହା, ଶୁଭମ ଜେନା, ପବିତ୍ର ଦାସ, ନିର୍ମାଲ୍ୟ ଦାସ ପ୍ରମୁଖ ଛାତ୍ରନେତାମାନେ ଏଥିରେ ଉପସ୍ଥିତ ଥିଲେ ।

# ଡ୍ରିମସ୍ ଆଇଡିଆଲ୍ ସ୍କୁଲ ପକ୍ଷରୁ 'ବୃକ୍ଷ-ରୋପଣ' କାର୍ଯ୍ୟକ୍ରମ




ବାଲେଶ୍ୱର,୧୬/୦୨ (ନି.ପ୍ର): 'ମହାଶିବରାତ୍ରି' ଉପଲକ୍ଷେ ଶ୍ରୀ ଲୋକନାଥ ମନ୍ଦିର ପ୍ରାଙ୍ଗଣରେବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର, ଲେଫ୍ଟେନାଣ୍ଟ କର୍ଣ୍ଣେଲ ଡଃ.ଲକ୍ଷ୍ମୀଧର ଭୂୟାଁ କର କମଳରେ 'ବୃକ୍ଷ ରୋପଣ' କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଡ୍ରିମସ୍ ଆଇଡିଆଲ୍ ସ୍କୁଲର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ ପରିଚାଳନା କରିଥିଲେ । ପୂର୍ବତନ ଓ୍ୱାର୍ଡ୍ କାଉନସିଲର ଶ୍ରୀଯୁକ୍ତଦେବାଶିଷ ସିଂହ, ଶିକ୍ଷାବିତ୍ ଶ୍ରୀଯୁକ୍ତ ପଙ୍କଜଜେନା, ଶ୍ରୀ ଲୋକନାଥ ସିଭିଲ ସୋସାଇଟିର ସଭାପତି ଶ୍ରୀଯୁକ୍ତ ରାମେଶ୍ୱର ଦାସ, ସମ୍ପାଦକ ଶ୍ରୀଯୁକ୍ତବସନ୍ତ ପଣ୍ଡା ଉପସଭାପତି ଶ୍ରୀଯୁକ୍ତ ନରେନ୍ଦ୍ର ବିହାରୀ ଦାସ, ଭଗବାନ ଚନ୍ଦ୍ର ସାହୁ, ଓ୍ୱାର୍ଡ୍ କାଉନସିଲର ଶ୍ରୀମତୀରଞ୍ଜିତା ମହାପାତ୍ର, ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି, ସ୍ମୃତିରେଖା ଦାସ, ରେହାନା ବେଗମ୍, ସତ୍ୟଭାମା ଖଟୁଆ, ଦୀପାଞ୍ଜଳି ଦାସ, ସ୍ମିତିସୁଧା ଦାସ, ଦେବୀଶ୍ରୀ ଗିରି, ଆରତୀ ବାଳା, ଦ୍ୱିତିକୃଷ୍ଣ ମହାନ୍ତି, ଅନିତାରାଣୀ ଦାସ, ଶାନ୍ତିଲତା ଖଟୁଆ, ଆଞ୍ଚଲପ୍ରିୟା ବେହେରା, ଭଗବାନ ବେହେରା, ରୁନି ସିଂ ପ୍ରମୁଖ କର୍ମଚାରୀଙ୍କ ସହ ବିଦ୍ୟାପୀଠର ପିଲାମାନେ ଅତିଥିମାନଙ୍କ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

## ଡ୍ରିମ୍ସ ଆଇଡିଆଲ ସ୍କୁଲ ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର, ୧୬/୦୨ (ନି.ପ୍ର): ମହାଶିବରାତ୍ରୀ ଉପଲକ୍ଷେ ଡ୍ରିମ୍ସ ଆଇଡିଆଲ ସ୍କୁଲ ପକ୍ଷରୁ ସ୍ଥାନୀୟ ଶ୍ରୀଲୋକନାଥ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏସପି ସାଗରିକା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଶୁଭାରମ୍ଭ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଡ୍ରିମ୍ସ ଆଇଡିଆଲ ସ୍କୁଲର ଉଦ୍ୟମ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଲେଫ୍ଟେନାଣ୍ଟ କର୍ଣ୍ଣେଲ ଡ. ଲକ୍ଷ୍ମୀଧର ଭୂୟାଁ, କାଉନସିଲର ରଂଜିତା ମହାପାତ୍ର ଓ କାଉନସିଲର ଦେବାଶିଷ ସିଂ, ଭଗବାନ ଚନ୍ଦ୍ର ସାହୁ, ଶିକ୍ଷାବିତ ପଙ୍କଜ ଜେନା, ଲୋକନାଥ ସିଭିଲ ସୋସାଇଟିର ସଭାପତି ରାମେଶ୍ୱର ଦାସ, ଉପ-ସଭାପତି ନରେନ୍ଦ୍ର ବିହାରୀ ଦାସ, ସମ୍ପାଦକ ବସନ୍ତ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ଡ୍ରିମ୍ସ ଆଇଡିଆଲ ସ୍କୁଲର ସେବାମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଚେୟାରମ୍ୟାନ ଶିକ୍ଷାବିତ ଗଙ୍ଗାଧର ଦାସ ନିଜେ ବୃକ୍ଷରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ଏହିଭଳି ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

# ବସ୍ତା ଅବକାରୀ ବିଭାଗର ଚଢାଉ ଦେଶୀ ଓ ବିଦେଶୀ ମଦ ସହିତ ୪ ଗିରଫ



ଅମର୍ଦ୍ଦାରୋଡ, ୧୬/୦୨ (ନି.ପ୍ର): ବସ୍ତା, ବାଲିଆପାଳ ଓ ମୋବାଇଲ ସ୍କାଡ ଅବକାରୀ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢାଉ କରି ୭୨ ଲିଟର ଦେଶି ମଦ ସହିତ ୭.୮ ଲିଟର ବିଦେଶୀ ମଦ ଜବତ କରିଛି । ଆଉ ଏହି ବେଆଇନ କାରବାରରେ ସଂପୃକ୍ତ ଦୁଇ ମହିଳାଙ୍କ ସମେତ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ । ସୂଚନାରୁ ପ୍ରକାଶ ଆଜି ସକାଳ ସମୟରେ ବାଲେଶ୍ୱର ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ଅବକାରୀ ଥାନା ଅଧିକାରୀ ସୁରଜ୍ କୁମାର ଟିଗା, ବାଲିଆପାଳ ଥାନା ଅଧିକରି କେଶବ ଧୁରୁବା, ମୋବାଇଲ ସ୍କାଡ ଏସ ଆଇ ଭକ୍ତ ଚରଣ ସ୍ୱାଇଁ ସଦଳ ବଳେ ବସ୍ତା ଥାନା ଅମର୍ଦ୍ଦାରୋଡ, ବାଲିଆପାଳ ଥାନା ରତାଇ, ପଞ୍ଚୁପାଲି ଆଦି ଅଞ୍ଚଳ ଚଢ଼ଉ କରିଥିଲେ । ଅମର୍ଦ୍ଦାରୋଡ ନାରାୟଣପୁର ଗ୍ରାମର ମିନତୀ ସିଂ(୪୦) ଙ୍କ ନିକଟରୁ ୨୦ ଲିଟର ଦେଶି ମଦ ଜବତ ହୋଇଥିବା ବେଳେ ବସ୍ତା ଅବକାରୀ ଥାନା ପିଆର ନ ୧୬୪/୨୨.୨୩, ବଡ଼ଚାରିଗାଁ ଗ୍ରାମର ଚୂଡ଼ାମଣି ହେମ୍ବ୍ରମ (୫୮) ଙ୍କ ନିକଟରୁ ୫ ଲିଟର ଦେଶି ମଦ ସହିତ ମୋବାଇଲ ସ୍କାଡ ପିଆର ନ ୩୨୦/୨୨.୨୩, ପଞ୍ଚୁପାଲି ଅଞ୍ଚଳର ଭଗବାନ ମହାନ୍ତି(୪୦)ଙ୍କ ନିକଟରୁ ୭.୮ ଲିଟର ବିଅର ପିଆର ନ ୩୧୯/୨୨,୨୩, ରାତାଇ ଅଞ୍ଚଳର ଶମ୍ଭୁନାଥ ରାଉତ(୪୬) ଙ୍କ ନିକଟରୁ ୪୭ ଲିଟର ଦେଶି ମଦ ଜବତ ସହିତ ବାଲିଆପାଳ ଅବକାରୀ ଥାନା ପିଆର ନ ୧୭୨/୨୨.୨୩ ରେ ପୃଥକ ପୃଥକ ଚାରିଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ପୋଲିସ ।

# ତାରାକାନ୍ତ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର, ୧୬/୦୨ (ନି.ପ୍ର): ବିଦ୍ୟୁତ ଶ୍ରମିକ ନେତା ତାରାକାନ୍ତ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ସହ ଅନୁବନ୍ଧିତ ବିଜୁ ଶ୍ରମିକ ସାମୁଖ୍ୟ ଉତ୍ତରାଞ୍ଚଳ ଶାଖା ପକ୍ଷରୁ ଏକ ଶୋକସଭା ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଏଥିରେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ବିଦ୍ୟୁତ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଜୀବନ ତମାମ ସେ ସଂଗ୍ରାମ ରଖିଥିବା ବେଳେ ତାଙ୍କର ବିୟୋଗ ସଂଗଠନ ପାଇଁ ବଡ଼କ୍ଷତି ବୋଲି ଶ୍ରୀ ଜେନା ମତ ପ୍ରକାଶ କରିଥିଲେ । ଜିତେନ୍ଦ୍ର ମୋହନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ଜୋନାଲ ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ଡିଆଇସି ଯାଜପୁର ଶାଖାର ବିପ୍ଳବ ସାମନ୍ତରାୟ, ମଣ୍ଡଳ ସମ୍ପାଦକ ପ୍ରଦୀପ ଦାସ, ବସ୍ତା ପର୍ଯ୍ୟବେକ୍ଷକ ରାଧାଶ୍ୟମ ପାତ୍ର, ଅଫିସ ସମ୍ପାଦକ ସମରଜିତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ମୟୂରଭଂଜ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଂଟ : ବିଜେଏମସିସି ଟିମ ଚମ୍ପିୟାନ



ବାରିପଦା, ୧୬/୦୨ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମୟୁରଭଂଜ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ମୟୁରଭଂଜ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ବିଜେଏମସିସି ଷ୍ଟେସନ ଏଥଲେଟିକ ଆସୋସିଏସନକୁ ୫ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଷ୍ଟେସନ ଏଥଲେଟିକ ଆସୋସିଏସନ ୧୫ ଓଭରରେ ୮ ଉଇକେଟ ହରାଇ ୧୨୬ ରନ କରିଥିଲେ । ଉତରରେ ବିଜେଏମସିସି ୧୩.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଉତମ ମହାକୁଡ଼ ଓ ଦେବାଶିଷ ଗୁପ୍ତା ଖେଳ ପରିଚାଳନା କରିଥିବା ବେଳେ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ ଓ ମଳୟ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ । ଫାଇନାଲର ମ୍ୟାନ ଅଫ ଦି ମ୍ୟାଚ ଦିବ୍ୟାଲୋଚନ ଦାଶ, ଶ୍ରେଷ୍ଠ ବେଟ୍ସମ୍ୟାନ ତଥା ଉଇକେଟକିପର ଦିବ୍ୟଲୋଚନ ଦାଶ, ଶ୍ରେଷ୍ଠ ବୋଲର ସ୍ୱରାଜ କୁମାର ମହାନ୍ତି, ଶ୍ରେଷ୍ଠ ଫିଲଡର ସଂଜୟ ସାମଲ, ହ୍ୟାଟ୍ରିକ ଉଇକେଟ ଟେକର ହଂସରାଜ ସାହୁ, ଗୋଟିଏ ଇନିଂସରେ ୫ ଟି ଉଇକେଟ ଅକ୍ତିଆର କରିଥିବା ପ୍ରିୟାଂଶୁ ଖୁଂଟିଆଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯିବା ସହ ଚମ୍ପିୟାନ ଦଳକୁ ୧୧ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସମାଜସେବୀ କ୍ରୀଡାବିତ ଗିରିଶ ଚନ୍ଦ୍ର ଦାସ, ପୂର୍ବତନ କାଉନସିଲର ଦେବାଶିଷ ଦାସ ଓ ମୟୁରଭଂଜ ଏଥଲେଟିକ ଏସୋସିଏସନର କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟ ମାନଙ୍କ ମଧରେ ପୂର୍ବତନ ଖେଳାଳି ପଥ୍ୱନ କୁମାର ଅଗ୍ରୱାଲ, ସାଙ୍ଗଠନିକ ସମ୍ପାଦକ ତପନ ବାରିକ, ଉପଦେଷ୍ଟା ସୋମନାଥ ସିଂହ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ନୁରୁଲ ଇସଲାମ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିବା ବେଳେ ସମ୍ପାଦକ ଲୋହିତ ଦାସ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo